


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 June 2024

Vol.No. 35 ■ No.166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଯୋଗରେ ଯୋଡ଼ି ହେଲା ସାରା ଜଗତ



ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧/୬ : ପୁଣି ଯୋଗରେ ଯୋଡ଼ି ହେଲା ସାରା ଜଗତ। ବିଶ୍ୱର କୋଣ, ଅନୁକୋଣ ଓ ଦେଶର ଗଳି କନ୍ଦିରେ ଉଦଭାସିତ ହେଲା ଯୋଗମୁଦ୍ରାର ଚିତ୍ର। ଆଜି ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସରେ, ଭାରତର ଏ ବହୁ ପ୍ରାଚୀନ ପରମ୍ପରାକୁ ଉତ୍ସାହର ପାଳନ କରିଛି ସମଗ୍ର ବିଶ୍ୱ। ଗାଁରୁ ଗ୍ଲୋବ୍ ସହୁଠି ଦେଖିବାକୁ ମିଳିଛି ଯୋଗ ଦିବସର ଧୁମ୍। ଆଜି ସକାଳୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଯୋଗ ଦିବସ ପାଳନ ଅବସରରେ ଅନ୍ୟମାନଙ୍କ ସହ ଯୋଗମୁଦ୍ରାରେ ବସିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ ଓ କାଶ୍ମୀରର ଡାଲ୍ ହ୍ରଦ ନିକଟ ଶେର-ଏ-କଶ୍ମୀର ଇଣ୍ଟର ନ୍ୟାସନାଲ ସେଣ୍ଟରରେ ଆୟୋଜିତ ବିଶାଳ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ପୀୟୁଷ ଗୋଏଲ, ଜେପି ନଡ୍ଡା, ଶିବରାଜ ସିଂ ଚୌହ୍ୱାନ, ଏଚଡି କୁମାରସ୍ୱାମୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଆହୁରି ଅନେକ ଭିଭିଆଇପିଙ୍କୁ ଯୋଗମୁଦ୍ରାରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଯୋଗ ଏବେ ସାରା ବିଶ୍ୱର ଚିନ୍ତାଧାରାକୁ ବଦଳାଇ ଦେଇଛି ଯୋଗ। ଋଷିକେଶରୁ କାଶି ଓ କେରଳକୁ ଯୋଡ଼ିବାକୁ ନୂଆ ସଂଯୋଗ ସୃଷ୍ଟି କରିଛି ଯୋଗ। ଏପଟେ ରାଜ୍ୟରେ ବି ଯୋଗ ଦିବସର ଉତ୍ସାହ କିଛି କମ୍ ନଥିଲା। ରାଜଧାନୀର ନେତାମନ୍ତ୍ରୀଙ୍କଠୁ ଗାଁ ଗହଳିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିଲା ଯୋଗ ଦିବସ ପାଳନର ଅପୂର୍ବ ଉତ୍ସାହ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ବିଶାଳ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ସହ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କ୍ରୀଡ଼ା ସଚିବଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ମିଳିଥିଲା। ସେପଟେ କୋଣାର୍କରେ ଆୟୋଜିତ ଯୋଗ ଦିବସ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେହିଭଳି ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ▶▶ପୃଷ୍ଠା ୭

## ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼



ଭୁବନେଶ୍ୱର, ୨୧/୬ (ନି.ପ୍ର): ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ ହୋଇଛି। କଂଗ୍ରେସ ଭବନରେ ପଶି କିଛି ଅସନ୍ତୁଷ୍ଟ ଗୋଷ୍ଠୀ କାଳିମାଡ଼ କରିଥିବା ଜଣାଯାଇଛି। ଆଜି ସକାଳେ ଶରତ ପଟ୍ଟନାୟକ କଂଗ୍ରେସ ଭବନରେ ନିଜ ଚ୍ୟାମ୍ବରରେ ବସିଥିବା ବେଳେ କିଛି ଅସନ୍ତୁଷ୍ଟ ▶▶ପୃଷ୍ଠା ୭

## ହାଇକୋର୍ଟ ଗଲେ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ରାୟ



ରାଉରକେଲା, ୨୧/୬ (ନି.ପ୍ର): ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ରାୟ। ରାଉରକେଲାର ବିଜେଡି ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବିରୋଧରେ ଦାୟର କଲେ ନିର୍ବାଚନୀ ମାମଲା। ସାରଦା ନିଜ ମନୋନୟନ ପତ୍ରରେ ଭୁଲ ଓ ଅସମ୍ପୂର୍ଣ୍ଣ ତଥ୍ୟ ଦେଇଥିବାରୁ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଦିଲ୍ଲୀପ ଏହି ମାମଲା ଦାୟର କରିଛନ୍ତି। ନାମାଙ୍କନ ସମୟରେ ସାରଦା ନିଜ ବିରୋଧରେ ଦାୟର ହୋଇଥିବା ଅପରାଧିକ ମାମଲା ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ ଓ ଏଆରଆଇ

ସୁବର୍ଣ୍ଣପୁର, ୨୧/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଖଣ୍ଡହତା ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ରାଜେନ୍ଦ୍ର ମିଶ୍ର ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ପଞ୍ଚାନନ ଡାଙ୍ଗ ଆଜି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସଂଗ୍ରାମପୁର ଗାଁର ନିତ୍ୟାନନ୍ଦ ପଧାନଙ୍କ ବାପାଙ୍କ ନାମରେ ଏକ ତଦନ୍ତ ରିପୋର୍ଟ ତହସିଲ ଅଫିସକୁ ପଠାଇବା ପାଇଁ ଆରଆଇ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନିତ୍ୟାନନ୍ଦ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ତା'ପରେ ଜାଲ ବିଛାଇଥିଲା ଭିଜିଲାନ୍ସ। ଆରଆଇ ରାଜେନ୍ଦ୍ର ମିଶ୍ର ଆଜି

## ଆଜି ଦାରୁ ଦିଅଁଙ୍କ ଦିବ୍ୟ ସ୍ନାନ: ସଜେଇ ହୋଇଛି ସ୍ନାନବେଦୀ



ପୁରୀ, ୨୧/୬ (ନି.ପ୍ର): କାଲି ଦାରୁ ଦିଅଁଙ୍କ ଦିବ୍ୟ ସ୍ନାନ। ସଜେଇ ହୋଇଛି ସ୍ନାନବେଦୀ। ତେଣେ ଚତୁର୍ଦ୍ଧା ମୂରତିଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପାଇଁ ଶ୍ରୀମନ୍ଦିରରେ ଚାଲିଛି ଜୋରଦାର ପ୍ରସ୍ତୁତି। ସେଥିପାଇଁ ସେବକଙ୍କୁ ତର ନାହିଁ। ଇତି ମଧ୍ୟରେ ଦଇତାପତି ସେବକ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ସେନାପଟା ଓ ବାହୁଟକଣ୍ଠ ଭଳି ଗୁପ୍ତନୀତି ସାରିଛନ୍ତି। ତେଣେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ସ୍ନାନ ନୀତି ଅନୁସାରେ ଶନିବାର ଭୋର୍ ସାଢ଼େ ୪ଟାରେ ମଙ୍ଗଳାର୍ପଣ ଓ ୫ଟାରୁ ଆରମ୍ଭ ହେବ ପହଣ୍ଡି। ସକାଳ ୭ଟା ସୁଦ୍ଧା ଶ୍ରୀଜୀଉମାନଙ୍କ ପହଣ୍ଡି ସାରି ଅନ୍ୟାନ୍ୟ ନୀତିକାନ୍ତି ବଢ଼ିବା ପରେ ମଧ୍ୟାହ୍ନ ୧୨ଟା ୨୦ରୁ ୧ଟା ୪୫ ଭିତରେ ହେବ ଜଳ ବିଜେ। ▶▶ପୃଷ୍ଠା ୭

## ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ: ଝାରସୁଗୁଡ଼ାରେ ପୁଣି ଥରେ ହେବ ଇଭିଏମ୍ ଯାଞ୍ଚ



ଭୁବନେଶ୍ୱର, ୨୧/୬ (ନି.ପ୍ର): ଚଳିତ ବିଧାନସଭା ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବିଜୟୀ ହୋଇଥିବା ବେଳେ ହାରର ସମ୍ମୁଖୀନ ହୋଇଛନ୍ତି ବିଜେଡି ପ୍ରାର୍ଥୀ ଦୀପାଳି ଦାସ। ମାତ୍ର ନିଜ ହାରକୁ ସହଜେ ଗ୍ରହଣ କରି ପାରୁ ନ ଥିବା ଦୀପାଳି ଦାସ ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିବା ବେଳେ ଏହାକୁ ଗ୍ରହଣ କରିଛନ୍ତି ନିର୍ବାଚନ କମିଶନର। ଏଥିନିମନ୍ତେ ନିର୍ବାଚନ କମିଶନର ସହମତି ପ୍ରକାଶ କରିଥିବା ବେଳେ ଆସନ୍ତା ଜୁଲାଇ ୧୯ ପରେ ତାରିଖ ନିର୍ଦ୍ଧାରିତ ହେବ ବୋଲି ଜଣାଯାଇଛି। ନିୟମ ମୁତାବକ ନିର୍ବାଚନ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିଲେ ପ୍ରାର୍ଥୀ ଆବେଦନ କରିପାରିବେ। ଏହି ଆଧାରରେ ୫ ପ୍ରତିଶତ ଇଭିଏମର ପୁନଃ ଗଣତି କରାଯିବ। ଏନେଇ ଦୀପାଳି ଦାସ ନିର୍ବାଚନ କମିଶନରଙ୍କ ନିକଟରେ ଆବେଦନ କରିଥିଲେ। ଯାହାକୁ ଗ୍ରହଣ କରିଛନ୍ତି ନିର୍ବାଚନ କମିଶନର। ଝାରସୁଗୁଡ଼ାରେ ନିର୍ବାଚନ କମିଶନରଙ୍କ ତତ୍ତ୍ୱାବଧାନରେ ଏକ ଇଞ୍ଜିନିୟରିଂ ଟିମ ଉପସ୍ଥିତିରେ ୧୩ଟି ବୁଥ୍ ?ରେ, ୧୩ ସେଟ୍ ଇଭିଏମ୍ ଓ ଭିଭିପାଟ୍ ଯାଞ୍ଚ କରାଯିବ। ଏନେଇ ଦୀପାଳି ଦାସ କହିଛନ୍ତି, ଭାରତର ନାଗରିକ ହିସାବରେ ମୁଁ ମୋ' ଅଧିକାର ପାଇଁ ଲଢୁଛି। ଏଥିନିମନ୍ତେ ନିର୍ବାଚନ କମିଶନରଙ୍କ ▶▶ପୃଷ୍ଠା ୭

## ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ୍ ନୁହେଁ କାମଚଳା ବଜେଟ ଆଣିବେ ବିଜେପି ସରକାର



ଭୁବନେଶ୍ୱର, ୨୧/୬ (ନି.ପ୍ର): ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଆସନ୍ତା ଜୁଲାଇ ମାସରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ(ଲେଖାନୁଦାନ) ବିଧାନସଭାରେ ଉପସ୍ଥାପନ କରିବେ । ପ୍ରଥମଥର ପାଇଁ ସରକାର ଗଢ଼ିଥିବା ବିଜେପି ନିଜର ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ପୂର୍ଣ୍ଣାଙ୍ଗ ବଜେଟ ଆଣିବା ପାଇଁ ବିଳମ୍ବ ହେବ ବୋଲି ଜଣାପଡ଼ିଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବା ପୂର୍ବରୁ ଲେଖାନୁଦାନ ଆଗତ କରାଯିବ । ପୂର୍ବର ସରକାର ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ପର୍ଯ୍ୟନ୍ତ ଲେଖାନୁଦାନ(କାମଚଳା ବଜେଟ) ଆଗତ କରିଥିଲେ । ଆମେ ଆଉ ଏକ ଲେଖାନୁଦାନ ଆଗତ କରିବୁ । ତା'ପରେ ପୂର୍ଣ୍ଣାଙ୍ଗ ବଜେଟ୍ ଗୃହରେ ଆସିବ । ସଂସଦରେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ପରେ ହିଁ ଓଡ଼ିଶାରେ ବିଜେପି ସରକାର ନିଜର ପ୍ରଥମ ବଜେଟ୍ ଉପସ୍ଥାପନ କରିବେ । କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ପାଣ୍ଠି ଆବଂଟନକୁ ଦେଖିବା ପରେ ରାଜ୍ୟ ବଜେଟ୍ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଶ୍ରୀ ସିଂହଦେଓ ଜିଏସଟି କାଉନସିଲ ବୈଠକ ଓ କେନ୍ଦ୍ରୀୟ ପ୍ରାକ୍ ବଜେଟ ଆଲୋଚନା ଉପରେ ରାଜ୍ୟ ମନ୍ତ୍ରୀମାନଙ୍କ ବୈଠକରେ ▶▶ପୃଷ୍ଠା ୭

## ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ଆନ୍ତର୍ଜାତିକ ଯୋଗ ଦିବସ ପାଳିତ




ବାଲେଶ୍ୱର, ୨୧/୬ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ୍ ସାଇନ୍‌ସ ଚିଡ଼ିଆପୋଲ, ବିବେକାନନ୍ଦ ମାର୍ଗ କଲେଜ ପରିସରରେ ଜାତୀୟ ସେବା ଯୋଜନା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ୨୦୦ଜଣ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଆନ୍ତର୍ଜାତିକ ଜୁନ୍ ୨୧ ଯୋଗ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ସମ୍ମାନନୀୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ବିଧାୟକ ମାନସ ରଂଜନ ଦତ୍ତ, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଧ୍ୱନିପ୍ରତିଧ୍ୱନିର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା, ଏକ୍ସ ସିନିଅର ଆଇଟିଆର ସାଇନ୍‌ଟିଷ୍ଟ ପୂର୍ଣ୍ଣଚନ୍ଦ୍ର ପତି, ବକ୍ତା ବିଧାୟିକା ସୁବାସିନୀ ଜେନା, ଡାକ୍ତର ଭଗବାନ ଭୂୟାଁ ଯୋଗ ଶିକ୍ଷା ମାଧ୍ୟମରେ ମଣିଷ ଶାନ୍ତି, ପବିତ୍ରତା, ସ୍ୱଚ୍ଛତା, ନିରୋଗ, ଆନନ୍ଦ ପ୍ରାପ୍ତି ହୋଇଥାଏ । ଯୋଗ ମହାବିଦ୍ୟାଳୟରେ ଡିପ୍ଲୋମା ଇନ୍ ଯୋଗା, ପିଜି ଡିପ୍ଲୋମା ଇନ୍ ଯୋଗା, ଏମ.ଏ. ଇନ୍ ଯୋଗା, ପିଏଚଡି ଇନ୍ ଯୋଗା, ଏନଏସଏସ ଭଲେଣ୍ଟରମାନଙ୍କୁ ନେଇ ଯୋଗ ସାଧନା ଦ୍ୱାରା ନିରୋଗ ସମାଜ ତିଆରି ହେବା ସହିତ ଆର୍ଥିକ ସ୍ୱଚ୍ଛଳତା ପାଇ ପାରିବେ । ସାତଦିନ ଧରି ବିଭିନ୍ନ ଗ୍ରାମ, ସହରମାନଙ୍କରେ ଯୋଗ ଶିବିରମାନ ଆୟୋଜନ କରାଯାଇ ଯୋଗ ଚିକିତ୍ସା ଓ ପ୍ରତିଯୋଗିତାମାନ କରାଯାଇଥିଲା । ଯୋଗ ସହିତ ବୃକ୍ଷରୋପଣ, ସଫେଇ, ତବାକୋ ଫ୍ରି ସମାଜ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମମାନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ, ନିର୍ଦ୍ଦେଶକ ଏନଏସଏସ ପ୍ରୋଗାମ ଅଫିସର ଡାକ୍ତର ଚିତ୍ତରଂଜନ ସାହୁ, ଯୋଗ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ମଣିଷ ସୁସ୍ଥ ରହି ପାରିବେ ବୋଲି କହିଥିଲେ । ଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା ଅନିତା ମିଶ୍ର, ଅଧ୍ୟାପିକା ଶିତଳା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ ।

## ମିଳିଲାନି ଆଶ୍ୱସ୍ତି: ଏବେ ଜେଲରୁ ବାହାରିବେନି କେଜ୍ରିଓ୍ୱାଲ



ନୂଆଦିଲ୍ଲୀ, ୨୧/୬ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଜାମିନ ପାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିଓ୍ୱାଲଙ୍କୁ ଜୋରଦାର ଝଟକା ଲାଗିଛି। ତଳ କୋର୍ଟ ଦେଇଥିବା ଜାମିନ ନିର୍ଦ୍ଦେଶ ଉପରେ ଆଜି ଦିଲ୍ଲୀ ହାଇକୋର୍ଟ ଅସ୍ଥାୟୀ ଭାବେ ରୋକ ଲଗାଇ ଦେଇଛନ୍ତି। ଫଳରେ ତିହାର ଜେଲରୁ ଆଜି ବାହାରିବା ପାଇଁ ଆଶା ରଖିଥିବା କେଜ୍ରିଓ୍ୱାଲଙ୍କୁ ନିରାଶ ହେବାକୁ ପଡ଼ିଛି। ହାଇକୋର୍ଟ ଆସନ୍ତ ୨ରୁ ୩ ଦିନ ମଧ୍ୟରେ ଏହା ଉପରେ ଚୂଡ଼ାନ୍ତ ରାୟ ପ୍ରକାଶ କରିବେ। ସେହିପରି ରାଉଜ ଆଭିନ୍ୟୁ କୋର୍ଟ ଦେଇଥିବା ଜାମିନକୁ ଖାରଜ କରିବା ପାଇଁ ଇଡି କରିଥିବା ଆବେଦନର ଶୁଣାଣି ମଧ୍ୟ କୋର୍ଟ କରିବେ ଓ ଏନେଇ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ସୁଧୀର କୁମାର ଜୈନ ଆଜି ଦିନ ତମାମ ଇଡି ଓ କେଜ୍ରିଓ୍ୱାଲଙ୍କ ଓକିଲ ଅଭିଷେକ ମନୁସିଙ୍ଘଭୀଙ୍କ ଯୁକ୍ତି ଶୁଣିଥିଲେ। ଏହାପରେ ଜଷ୍ଟିସ ଜୈନ କହିଛନ୍ତି, "ମୁଁ ୨ରୁ ୩ ଦିନ ପାଇଁ ରାୟକୁ ସଂରକ୍ଷିତ ରଖୁଛି। ନିର୍ଦ୍ଦେଶ ବାହାରିବା ଯାଏ, ତଳ କୋର୍ଟ ଦେଇଥିବା ରାୟ ଉପରେ ରୋକ ଲାଗି ରହିବ।" କୋର୍ଟ ଆସନ୍ତା ୨୫ ତାରିଖରେ ଚୂଡ଼ାନ୍ତ ରାୟ ପ୍ରକାଶ କରିପାରନ୍ତି। ଗୁରୁବାର ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ କେଜ୍ରିଓ୍ୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଜି ସେ ୧ ଲକ୍ଷ ଟଙ୍କାର ବେଲ ବଣ୍ଡ କରି ଜେଲରୁ ବାହାରିବାର ଥିଲା। କିନ୍ତୁ ତଳ କୋର୍ଟର ରାୟକୁ ଅତ୍ୟନ୍ତ ବିକୃତ

# ଅଙ୍ଗନବାଡ଼ିର ବିକାଶ ହେଲେ ଉଭୟ ମା' ଓ ଶିଶୁଙ୍କର ବିକାଶ ହେବ: ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୧/୬ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଶିଶୁ ବିଭାଗର ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଅଧ୍ୟକ୍ଷତାରେ ଗତକାଲି ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ବିଭାଗୀୟ କାର୍ଯ୍ୟର ସଫଳତା, ଯୋଜନା ଓ ଆହ୍ୱାନ ସମ୍ପର୍କରେ ଉପସ୍ଥାପନ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତୃଣମୂଳ ସ୍ତରର ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝିବା ସହିତ ବିଭିନ୍ନ ବିଭାଗର ସହଭାଗିତାରେ ସମସ୍ୟାର ସମାଧାନ କରି କିପରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ଅଙ୍ଗନବାଡି ସଦସ୍ୟଙ୍କୁ ରେଗୁଲାର ତାଲିମ ଓ ବୀମା ସୁବିଧା ଯୋଗେଇଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଅଙ୍ଗନବାଡିରେ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତିକୁ ନିୟମିତ ଯାଂଚ କରିବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଏଥି ସହ ଅଙ୍ଗନବାଡି କେନ୍ଦ୍ର ଦ୍ୱାରା 'ଯୋଗ'କୁ ମା'ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ପୁଣି ମହିଳା ହେଲ୍ପଲାଇନର କାର୍ଯ୍ୟକାରିତାକୁ ଯାଞ୍ଚ କରିବା ପାଇଁ ବୈଠକରେ ବସି ମହିଳା ହେଲପଲାଇନ ନମ୍ବରକୁ ଟେଷ୍ଟ କଲ ମଧ୍ୟ କରିଥିଲେ । ସୁଭଦ୍ରା ଯୋଜନାରେ ମାର୍ଗଦର୍ଶିକ ପ୍ରସ୍ତୁତ କରି ୧୦୦ ଦିନରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ମହିଳାଙ୍କ ପ୍ରତି ଅପରାଧକୁ ଅଗ୍ରାଧିକାର ଦେଇ ଶ୍ରୀମତୀ ପରିଡା ମହିଳା ଓ ଶିଶୁ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ମହିଳା ଆୟୋଗକୁ ଅପୋଷ ସମାଧାନ ଓ କ୍ୟାମ୍ପ କୋର୍ଟ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପେଣ୍ଡିଂ କେସ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବିଶାଖା ଗାଇଡଲାଇନ କାର୍ଯ୍ୟକାରୀ କରିବା ବିଷୟରେ ତର୍ଜମା କରିବାକୁ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭାଗକୁ ପ୍ରସ୍ତାବ ଦେଇଛନ୍ତି ।

ଏହି ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶକ ମୋନିଶା ବାନାର୍ଜୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ସହ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ ସଂସ୍ଥା ସଦସ୍ୟଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର, ୨୧/୬ (ନି.ପ୍ର): ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ ସଂସ୍ଥା ଓଡ଼ିଶା ମୁଖ୍ୟ ଏଲିଜାବେଥ ଫର ଓ ବିଶ୍ୱ ଖାଦ୍ୟ ସଂସ୍ଥାର କ୍ଷେତ୍ର ମୁଖ୍ୟ ଅଧିକାରୀ ହିମାଂଶୁ ବଳ ଗୁରୁବାର ଅପରାହ୍ନରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଖାଦ୍ୟ ସୁରକ୍ଷାରେ ଓଡ଼ିଶାକୁ ଏକ ହବ୍ ଭାବେ ଗଢି ତୋଳିବା ସହ ଖାଦ୍ୟର ଗୁଣାତ୍ମକ ମୂଲ୍ୟ ବୃଦ୍ଧି କରିବାରେ ମିଳିତ ଜାତିସଂଘ ଅନ୍ତର୍ଗତ ବିଶ୍ୱ ଖାଦ୍ୟ ସଂସ୍ଥାର ଅବଦାନ ଅତୁଳନୀୟ। ଉନ୍ନତ ବୈଷୟିକ ଜ୍ଞାନକୌଶଳ ଓ ଆଧୁନିକ ବୈଜ୍ଞାନିକ ପଦ୍ଧତି ଦ୍ୱାରା ଖାଦ୍ୟର ଗୁଣବତାକୁ ବୃଦ୍ଧି କରାଯାଇପାରୁଛି। ଏହି ସବୁ ଜ୍ଞାନକୌଶଳ ଅନ୍ୟାନ୍ୟ ଉନ୍ନତ ଦେଶଠାରୁ ଭାରତ ଓ ବିଶେଷ କରି ଓଡ଼ିଶାକୁ ବିଶ୍ୱ ଖାଦ୍ୟ ସଂସ୍ଥା ଦ୍ୱାରା ସହଜରେ ମିଳିପାରୁଛି, ଯାହା ରାଜ୍ୟରେ ଅପପୁଷ୍ଟି, ଜୀବନଧାରଣର ମାନ ବୃଦ୍ଧି ଓ ଉନ୍ନତ ସ୍ୱାସ୍ଥ୍ୟ ଲାଭରେ ସହାୟକ ହେବ। ବିଶ୍ୱ ଖାଦ୍ୟ ସଂସ୍ଥା ସହ ଓଡ଼ିଶା ସରକାରଙ୍କ ଘନିଷ୍ଠ ସହଯୋଗ ଓଡ଼ିଶାକୁ ବିଶ୍ୱସ୍ତରରେ ପହଂଚାଇବାରେ ସାହାଯ୍ୟ କରିବ। ପୁଷ୍ଟିକର ଭିଟାମିନଯୁକ୍ତ ଚାଉଳ ରାଜ୍ୟରେ ପୁଷ୍ଟିହୀନତାକୁ ଦୂର କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବକ୍ତବ୍ୟରେ କହିଥିଲେ। ଜାତିସଂଘର ବିଶ୍ୱ ଖାଦ୍ୟ ସଂସ୍ଥା ସହ ଆଗକୁ ଏହି ସହଭାଗିତା ଜାରି ରହିବ ଏବଂ ମିଳିତ ସହଯୋଗରେ ଓଡ଼ିଶାକୁ ବିଶ୍ୱ ଦରବାରରେ ଉତ୍କର୍ଷର କେନ୍ଦ୍ର ଭାବେ ପରିଚିତି ପ୍ରଦାନ କରିବ ବୋଲି ଏଲିଜାବେଥ ଫର କହିଥିଲେ । ଆଲୋଚନାବେଳେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମହମ୍ମଦ ହକ୍ ଉପସ୍ଥିତ ରହି ପ୍ରସଙ୍ଗରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ବର୍ଷାଋତୁରେ ସମସ୍ୟା ଦୂର ପାଇଁ ତତ୍ପର ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧/୬ (ନି.ପ୍ର): ବର୍ଷାଋତୁରେ ସହରାଂଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହରାଂଚଳରେ କୃତ୍ରିମ ବନ୍ୟାକୁ ପ୍ରତିହତ କରିବା ସହିତ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଡ. ମହାପାତ୍ର ଉଲ୍ଲେଖ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା ସମୟରେ ମନ୍ତ୍ରୀ ଡ. ମହାପାତ୍ର ଏହି ମର୍ମରେ ସହରାଂଚଳ ବିକାଶ ଉପରେ ପ୍ରାଥମିକତା ଦେବାକୁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ ବିକଶିତ ଭାରତ ଲକ୍ଷ୍ୟରେ ବିକଶିତ ଓଡ଼ିଶା ପାଇଁ ମଧ୍ୟ ସହରାଂଚଳ ବିକାଶ ତାତ୍ପର୍ଯ୍ୟପୂର୍ଣ୍ଣ। ତେଣୁ ରାଜ୍ୟର ବିଭିନ୍ନ ବିଜ୍ଞାପିତ ଅଂଚଳ ପରିଷଦ, ପୌରନିଗମ ଓ ମହାନଗର ନିଗମଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ହେବ। ଭୁବନେଶ୍ୱର ରାଜ୍ୟ ରାଜଧାନୀ ହୋଇଥିବା ଦୃଷ୍ଟିରୁ ଏହାକୁ ଏକ ବିଶ୍ୱସ୍ତରୀୟ ମଡେଲ ଭାବରେ ଗଢ଼ିତୋଳିବା ସହିତ ସମଗ୍ର ରାଜ୍ୟର ସହରାଂଚଳଗୁଡ଼ିକର ଭିତିଭୂମି ଓ ପାର୍ଶ୍ୱାଞ୍ଚଳ ଉନ୍ନତି ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ବିକାଶମୂଳକ କାର୍ଯ୍ୟ ସହିତ ଜନସାଧାରଣଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଅଯଥା ବ୍ୟୟ ନକରି ଯଥାର୍ଥ ଭାବରେ ଅର୍ଥବ୍ୟୟ କରାଯିବ। ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବାକୁ ଉଦ୍ୟମ ହେବ । ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ 'ସହରାଞ୍ଚଳ ବିକାଶରେ ସଫଳ ଯାତ୍ରା' ସଂପର୍କରେ ଉପସ୍ଥାପନା କରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାର ବିବରଣୀ ଦେଇଥିଲେ। ବର୍ଜ୍ୟ ଆବର୍ଜନା ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଜାତୀୟ ସ୍ୱୀକୃତି ଲାଭ, ସ୍ୱଚ୍ଛ ସର୍ବେକ୍ଷଣ ସୂଚକାଙ୍କରେ ଓଡ଼ିଶାର ଜାତୀୟସ୍ତରରେ ଉତମ ପ୍ରଦର୍ଶନ, ମେଟ୍ରୋ ରେଳପ୍ରକଳ୍ପର ଅଗ୍ରଗତି ଇତ୍ୟାଦି ସଂପର୍କରେ ସେ ସୂଚନା ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ। ସେହିପରି ୧୧୫ଟି ସହରାଂଚଳରେ ୧୭୯ଟି ଆହାର କେନ୍ଦ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବାବେଳେ ମୁକ୍ତା ପ୍ରଭୃତି ଯୋଜନାରେ ମଧ୍ୟ ଅଭିନବତ୍ୱ ପାଇଁ ଓଡ଼ିଶାକୁ ବିଶ୍ୱସ୍ତରୀୟ ଆଦୃତି ମିଳିଛି ବୋଲି ସେ ପ୍ରକାଶ କରିଥିଲେ।

ବର୍ଷାଋତୁରେ ଭୁବନେଶ୍ୱର ପରି ସହରରେ ପାଣି ଜମିବା, ଜଳ ନିଷ୍କାସନରେ ଅବ୍ୟବସ୍ଥା ପରି ସମସ୍ୟାକୁ ପ୍ରାଥମିକତା ଭିତିରେ ଦୂର କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସହରାଞ୍ଚଳରେ ବର୍ଷା/ବନ୍ୟା ଜଳ ପରିଚାଳନା ସଂପର୍କରେ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇ ରାଜ୍ୟର ସମସ୍ତ ପୌର ଅଧିକାରୀମାନଙ୍କୁ କଡ଼ାକଡ଼ି ଅନୁପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି । ସଂପ୍ରତି ସମ୍ବଲପୁରରେ କାମଳ ରୋଗ ଦେଖାଦେଇଥିବା ପରିପ୍ରେକ୍ଷୀରେ ସେଠିକାର ପାନୀୟ ଜଳର ଗୁଣବତା ଆଦି ସଂପର୍କରେ ତଦନ୍ତ କରିବାକୁ ୱାଟ୍‌କୋର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ଡ. ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାରାଦ୍ୱୀପଠାରେ ଆନ୍ତର୍ଜାତିକ ଯୋଗ ଦିବସରେ ଭାରତୀୟ ତଟ ରକ୍ଷକଙ୍କ ଦ୍ୱାରା ଯୋଗ ଶିବିର




ପାରାଦ୍ୱୀପ , ୨୧/୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଭାରତୀୟ ତଟ ରକ୍ଷକ ତରଫରୁ ଜିଲ୍ଲା ମୁଖ୍ୟାଳୟ ପାରାଦ୍ୱୀପ ଠାରେ ୨୧ ଜୁନରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା । ଆନ୍ତର୍ଜାତିକ ଯୋଗ ଦିବସ -୨୦୨୪ ଅବସରରେ ବିଶ୍ୱସ୍ତରୀୟ ଅଭିଯାନକୁ ସ୍ମରଣୀୟ କରିବା ପାଇଁ ଏହି ପଦକ୍ଷେପ କୁ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୦୨ ଜଣ ଭାରତୀୟ ତଟ ରକ୍ଷକ ବାହିନୀର ଯବାନ ଓ ସେମାନଙ୍କର ପରିବାର ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ବର୍ଷର ଯୋଗ ଦିବସର ବିଷୟବସ୍ତୁ ହେଉଛି ସ୍ୱୟଂ ଏବଂ ସମାଜ ପାଇଁ ଯୋଗ । ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟର କମାଣ୍ଡର ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସମସ୍ତ କର୍ମଚାରୀ ମାନଙ୍କୁ ସେମାନଙ୍କର ଯୋଗଦାନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଯୋଗ ପ୍ରଶିକ୍ଷକ ମାନେ ଯୋଗର ମୂଲ୍ୟବୋଧ ଉପରେ ସମାବେଶକୁ ଆଲୋକିତ କରିଥିଲେ ଓ ବିଭିନ୍ନ ଯୋଗ ମୁଦ୍ରାର ଅଭ୍ୟାସ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସାଧାରଣ ଯୋଗ ନିୟମର ପ୍ରଚଳନ କରାଯାଇଥିଲା ଓ ଅଂଶଗ୍ରହଣ କାରିଙ୍କୁ ଆମ ଦେଶର ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ କରାଯାଇଥିଲା।

# ମା' ଲକ୍ଷ୍ମୀ ମନ୍ଦିରର ୧୪ତମ ପ୍ରତିଷ୍ଠା ଦିବସ ପାଳନ

କେନ୍ଦ୍ରାପଡ଼ା, ୨୧/୬ (ନି.ପ୍ର): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ବେଢା ପରିସରରେ ଜିଲ୍ଲା କୈବର୍ତ ସମାଜ ପକ୍ଷରୁ ନିର୍ମିତ ମା'ଲକ୍ଷ୍ମୀ ମନ୍ଦିରର ୧୪ତମ ପ୍ରାଣ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। କୈବର୍ତ ସମାଜର ମାହଲ ପଣ୍ଡା ନୃସିଂହ ପ୍ରସାଦ ପତ୍ରୀଙ୍କ ପରିଚାଳନାରେ ମା'ଙ୍କ ଷୋଡଶ ଉପଚାର ପୂଜାର୍ଚ୍ଚନା ରୀତିନୀତି ସହିତ କରାଯିବା ସହ ହୋମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଜିଲ୍ଲା କୈବର୍ତ ସମାଜର ନେତୃସ୍ଥାନୀୟ କୁଳମଣୀ ବେହେରା, ସୁରେନ୍ଦ୍ର ବେହେରା, ବିଜୟ ବେହେରା, ଦିଲ୍ଲିପ ମହାପାତ୍ର, ଦିବାକର ବେହେରା, ଫକିର ବେହେରା, ସଚ୍ଚିଦାନନ୍ଦ ବେହେରା, ଗୌରାଙ୍ଗ ବେହେରା, ସତ୍ୟାନନ୍ଦ ବେହେରା, ଭାରତୀ ଦଲାଇ, ଶ୍ରୀଧର ବେହେରା, କୈଳାସ ବେହେରା, ମହେଶ୍ୱର ବେହେରାଙ୍କ ସମେତ ଜିଲ୍ଲାର ଶତାଧିକ କୈବର୍ତ ସମାଜର କର୍ମକର୍ତାମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଭାଗ ନେବା ସହ କୈବର୍ତ ସମାଜର ସାଂଗଠନିକ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ଗ୍ରାମାବାସୀଙ୍କ ଦାବି

କେନ୍ଦ୍ରାପଡ଼ା, ୨୧/୬ (ନି.ପ୍ର): ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳିରେ ଜନ ସାଧାରଣ ନାହିଁନଥିବା କଷ୍ଟ ଭୋଗୁଥିବାବେଳେ ବିଦ୍ୟୁତ୍ ବିଭାଗର ଅବହେଳା ଓ ଖାମଖିଆଲି ନୀତି ଯୋଗୁ ଜଗନ୍ନାଥପୁର (ପଣ୍ଡାସାହି)ର ଗ୍ରାମବାସୀମାନେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ହୋ ହାଲ୍ଲା କରିବା ସହ ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ନହଙ୍ଗ ପଂଚାୟତ ଅନ୍ତର୍ଗତ ପଣ୍ଡାସାହି ର ଶତାଧିକ ଗ୍ରାମାବସୀ ଜିଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟ କୁ ଆସି ଦୀର୍ଘ ଦିନ ହେଲା ତାଙ୍କ ଅଂଚଳରେ ଲୋ ଭୋଲଟେଜ୍ ସମସ୍ୟା ରହୁଥିବା ଫଳରେ ପଙ୍ଖା ଚାଲୁନଥିବା, ବଲ ଠିକ ଭାବରେ ଜଳୁ ନଥିବା ଓ ଏସି ଆଦୌ ଚାଲୁ ନଥିବାରୁ ରୋଗାଗ୍ରସ୍ତ ବୃଦ୍ଧ, ବୃଦ୍ଧା, ବୟସ୍କ ନାଗରିକ, ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଗ୍ରାମାବସୀମାନେ ଲୋ ଭୋଲଟେଜ୍ ପାଇଁ ବାରମ୍ବାର ଜିଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟ କୁ ଆସି ଅଭିଯୋଗ କଲେ ମଧ୍ୟ ଲୋ ଭୋଲଟେଜର ସ୍ଥାୟୀ ସମାଧାନ ନକରାଯିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଗ୍ରାମର ପ୍ରଫୁଲ୍ଲ ପଣ୍ଡା, ବିଷ୍ଣୁ ଚରଣ ତ୍ରିପାଠୀ, ବିଶ୍ୱ ଭୂଷଣ ପ୍ରହରାଜ, ଧ୍ରୁବ ଚରଣ ସାହୁ, ମଧୁସୂଦନ ପଣ୍ଡା, ହରେକୃଷ୍ଣ ପଣ୍ଡା ପ୍ରମୁଖ ଜଣାଇଛନ୍ତି ।

# ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ବିଭାଗୀୟ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୨୧/୬ (ନି.ପ୍ର): ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଭୁବନେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର (ଓକାକ୍) ପ୍ରଥମ ମହଲା ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଓକାକ୍ରମ ସିଇଓ ତଥା ଅତିରିକ୍ତ ଶାସନ ସଚିବ ମନୋଜ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକ୍ର ମହାପ୍ରବନ୍ଧକମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ଆଦିତ୍ୟ ମହାପାତ୍ର, ଯୁଗ୍ମ ସଚିବ ଜୟନ୍ତୀ ଦେଇଏବଂ ବିଭାଗର ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରୀ ସେବାଗୁଡ଼ିକୁ ବୈଷୟିକ ରୂପାନ୍ତରୀକରଣ ମାଧ୍ୟମରେ ଜନସାଧାରଣଙ୍କ ପାଖକୁ ପହଁଚାଇବା କ୍ଷେତ୍ରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଭୂମିକା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନରେ ପରିଚାଳିତ ନିର୍ଦ୍ଦେଶାଳୟ ଯଥା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର (ଓକାକ୍), ଓଡ଼ିଆ ଭର୍ଚୁଆଲ ଏକାଡେମୀ, ଆଇଆଇଆଇଟି ଭୁବନେଶ୍ୱର ଏବଂ ଓକେସିଏଲ୍ଲ ଭୂମିକା ବିଷୟରେ ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ମନ୍ତ୍ରୀ ନୂତନ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରି କହିଥିଲେ ଯେ, ରାଜ୍ୟ ସରକାର ନିଜ ସଂକଳ୍ପ ପତ୍ର ଅନୁଯାୟୀ ଆଗାମୀ ୧୦୦ ଦିନ ମଧ୍ୟରେ ରାଜ୍ୟର ସମୃଦ୍ଧି ନିମନ୍ତେ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିବେ । ଆମ ସରକାର ସାଧାରଣ ଲୋକଙ୍କ ସରକାର । ତେଣୁ, ସାଧାରଣ ଲୋକ କିପରି ଭାବେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ସୁବିଧା ପାଇପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଭାରତ ସରକାରଙ୍କ ଡିଜିଟାଲ ଇଣ୍ଡିଆ ଉପକ୍ରମକୁ ପ୍ରାଧାନ୍ୟ ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ତୃଣମୂଳସ୍ତରରେ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ କିପରି ଭାବେ ନୂତନ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଗଢ଼ି ଉଠିବ ଏବଂ ନିବେଶକମାନେ ଆମ ରାଜ୍ୟରେ ନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିବେ ତାହାକୁ ପ୍ରାଥମିକତା ଦେବାକୁ ପଡ଼ିବ । ଓଡ଼ିଆ ଭର୍ଚୁଆଲ ଏକାଡେମୀକୁ ଆହୁରି ଲୋକାଦୃତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ସହ ଅଧିକରୁ ଅଧିକ କର୍ମଶାଳା, ସମ୍ମିଳନୀ, ବୈଠକ ଏବଂ ଆଭାସୀ ମାଧ୍ୟମରେ ସାହିତ୍ୟଚର୍ଚ୍ଚା ଆଦିକୁ ପ୍ରାଧାନ୍ୟ ଦିଆଯିବ। ଏହାସହ ରାଜ୍ୟର ଗ୍ରାମୀଣ ଅଞ୍ଚଳରେ ମୋବାଇଲ ନେଟୱାର୍କ ଏବଂ ଇଂଟରନେଟ୍ ସୁବିଧାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଶେଷରେ ମନ୍ତ୍ରୀ ଇ-ଗଭର୍ଣ୍ଣାନ୍ସ ମାଧ୍ୟମରେ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ଉତ୍କୃଷ୍ଟ ଜନସେବା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

# ବଲାଙ୍ଗିରରେ ଶିଶୁ ଶ୍ରମିକ ନିରାକରଣ ରଥ ଶୁଭାରମ୍ଭ

ବଲାଙ୍ଗିର, ୨୧/୬ (ନି.ପ୍ର): ଶିଶୁ ଶ୍ରମିକ ରୋକିବା ଉଦ୍ଦେଶ୍ୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଆଜି ସକାଳ ୮ଟା ୩୦ ସମୟରେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରିଥିଲେ । ଶିଶୁ ମାନଙ୍କୁ ଶ୍ରମିକ ଭାବରେ ନିୟୋଜିତ ନ କରିବା ପାଇଁ ଏହି ରଥ ବିଭିନ୍ନ ସ୍ଥାନରେ ବୁଲିବୁଲି ଜନ ସଚେତନତା ସୃଷ୍ଟି କରିବ । ଶିଶୁ ଶ୍ରମିକ ନିୟୋଜିତ ଏକ ଅପରାଧ ଅଟେ । ତେଣୁକରି ଶିଶୁ ମାନଙ୍କୁ ଶିକ୍ଷା ଦେଇ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କଲେ ଏକ ସୁସ୍ଥ ସମାଜ ଓ ବିକଶିତ ଦେଶ ଗଠନ କରାଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା ।

# କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଜେପି ବଦ୍ଧପରିକର : ମନମୋହନ ସାମଲ

ଭୁବନେଶ୍ୱର, ୨୧/୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଭାବେ ଦେଶର ଦାୟୀତ୍ୱ ନେବା ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୧୩୬୦ ଟଙ୍କା ଥିଲା । ମୋଦି ସରକାରଙ୍କ ୧୦ ବର୍ଷର ଶାସନ ଭିତରେ ଏହାକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଂଟାଲ ପ୍ରତି ୨୩୦୦ ଟଙ୍କା କରାଯିବା ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଗତ କାଲି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୪ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୧୧୭ଟଙ୍କା ବୃଦ୍ଧି କରାଯାଇ କ୍ୱିଂଟାଲ ପିଛା ୨୩୦୦ ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୩୨୦ ଟଙ୍କା ହୋଇଛି। ଓଡିଶାରେ ଧାନ କ୍ୱିଂଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବା ନେଇ ବିଜେପି ସରକାରର ପ୍ରଥମ କ୍ୟାବିନେଟରେ ନିଷ୍ପତି ହୋଇଛି । ସେହିପରି ହରଡ ଡାଲି କ୍ୱିଂଟାଲ ପିଛା ୫୫୦ ଟଙ୍କା ବୃଦ୍ଧି ହୋଇ ୭୫୫୦ ଟଙ୍କା, ମୁଗ ଡାଲି କ୍ୱିଂଟାଲ ପିଛା ୧୨୪ ଟଙ୍କା ବୃଦ୍ଧି ୮୬୮୨ ଟଙ୍କା, ବିରି ଡାଲି କ୍ୱିଂଟାଲ ପିଛା ୪୫୦ ଟଙ୍କା ବୃଦ୍ଧି ହୋଇ ୭୪୪୦ ଟଙ୍କା, ବାଦାମ କ୍ୱିଂଟାଲ ପିଛା ୪୦୬ ଟଙ୍କା ବୃଦ୍ଧି ୬୭୮୩ ଟଙ୍କା, ସୁର୍ଯ୍ୟମୁଖୀ ବୀଜ ଏମଏସପିରେ ୫୨୦ ଟଙ୍କା ବୃଦ୍ଧି କରାଯାଇ ୭୨୮୦ ଟଙ୍କା, ସୋୟାବିନ କ୍ଷେତ୍ରରେ ୨୯୨ ଟଙ୍କା ବୃଦ୍ଧି କରାଯାଇ ୪୮୯୨ ଟଙ୍କା, ରାଶି କ୍ଷେତ୍ରରେ ୬୩୨ ଟଙ୍କା ବୃଦ୍ଧି କରାଯାଇ ୯୨୬୭ ଟଙ୍କା, ନାଇଜରସିଡ କ୍ଷେତ୍ରରେ ୯୮୩ ଟଙ୍କା ବୃଦ୍ଧି କରାଯାଇ ୮୭୧୭ ଟଙ୍କା, ମଧ୍ୟମ ଆକାର କପାର ଏମଏସପି ୫୦୧ ଟଙ୍କା ବୃଦ୍ଧି କରାଯାଇ ୭୧୨୧ ଏବଂ ଲମ୍ବା କପାର ଏମଏସପି ୫୦୧ ଟଙ୍କା ବୃଦ୍ଧି କରାଯାଇ ୭୫୨୧ ଟଙ୍କା କରାଯାଇଛି । ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

# ବାରିପଦାଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାରିପଦା, ୨୧/୬ (ନି.ପ୍ର): ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ରିର୍ଜ୍ଭ ପୋଲିସ ପଡ଼ିଆଠାରେ ସାମୁହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ଶହ ଶହ ସଂଖ୍ୟାରେ ବିଭିନ୍ନ ବୟସର ଲୋକ ଯୋଗ ଦେଇଥିବା ଏହି ଯୋଗ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଅନ୍ୟମାନଙ୍କ ସହ ଯୋଗାସନ କରିଥିଲେ। ସମଗ୍ର ବିଶ୍ୱରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସରକାରୀ/ବେସରକାରୀ ସଂସ୍ଥାର କର୍ମଚାରୀ, ସାମ୍ବାଦିକ ତଥା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ମନ୍ତ୍ର ଉଚ୍ଚାରଣ ପରେ ପରେ ପ୍ରଶିକ୍ଷକ ଡଃ ଦିଲ୍ଲୀପ କୁମାର ପଣ୍ଡା ଶ୍ରୀଲେଖା ମହାନ୍ତି ଓ ଜ୍ୟୋତି ପ୍ରକାଶ ଦାସଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ପଦ୍ମାସନ,ତାଡାସନ, ଚକ୍ର ଆସନ, ଶବାସନ, ଭୁଜଙ୍ଗାସନ ଓ ସୂର୍ଯ୍ୟ ନମସ୍କାର ଭଳି ବିଭିନ୍ନ ଯୋଗସନ କରାଯାଇ ସେସବୁର ମନୁଷ୍ୟ ଶରୀର ପାଇଁ ଥିବା ଉପାଦେୟତା ବାବଦରେ ସୂଚନା ଦେଇଥିଲେ। ସମସ୍ତ ଉପସ୍ଥିତ ଜନସାଧାରଣ ମାନଙ୍କୁ ଉଦବୋଧନ ଦେଇ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଯୋଗର ଉପଯୋଗିତା ସଂପର୍କରେ ଜାଣି ଏହାକୁ ଦୈନନ୍ଦିନ ଅଭ୍ୟାସ ଭାବରେ ଗ୍ରହଣ କରିବା ପାଇଁ ସଂକଳ୍ପ ନେବା ଏବଂ ଏକ ସୁସ୍ଥ ଜୀବନ ଶୈ?ଳୀ ପାଇଁ ଯୋଗର ଆବଶ୍ୟକତା ସଂପର୍କରେ ଜନ ସାଧାରଣଙ୍କୁ ଉତ୍ସାହିତ କରିବା।




ପରିଶେଷରେ ଯୋଗାଭ୍ୟାସର ଶପଥପାଠ କରାଯାଇଥିଲା ଏବଂ ସ୍କୁଲ କଲେଜର ପିଲା ମାନଙ୍କ ସହିତ ମନ୍ତ୍ରୀ ଡଃ ମହାପାତ୍ର ଯୋଗ ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ। 'ପ୍ରାଣାୟାମ ହେଉଛି ଯୋଗର ଏକ ଅଙ୍ଗ ଏବଂ ପ୍ରାଣୀ ପାଇଁ ଅତ୍ୟନ୍ତ ଉପଯୋଗୀ । ନିୟମିତ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ, ସବଳ, ଆନନ୍ଦ ଏବଂ ଧୈର୍ଯ୍ୟଶୀଳ ହୋଇଥାନ୍ତି । ଯୋଗ ଦ୍ୱାରା ଜଣେ ମନୁଷ୍ୟ ମନକୁ ସ୍ଥିର ଓ ଶାନ୍ତ ରଖିଥାଏ । ଯୋଗ ଶରୀରରେ ଥିବା ମାଂସପେଶୀକୁ ଶକ୍ତିଶାଳୀ କରିଥାଏ,' ମନ୍ତ୍ରୀ ପିଲା ମାନଙ୍କୁ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ବାରିପଦା ଉପଜିଲ୍ଲାପାଳ, ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠି, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ସେଠି, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ରଦ୍ଧା ସୁମନ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। ସୂଚନା ଥାଉକି, ଚଳିତ ବର୍ଷ ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହେଉଛି। ଏହି ଅବସରରେ ଏହାକୁ ବ୍ୟାପକ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ଏ ବର୍ଷ ଯୋଗ ଦିବସ ପାଳନର ଥିମ୍ ରହିଛି ନିଜ ଓ ସମାଜ ପାଇଁ ଯୋଗ(ୟୋଗା ଫର ସେଲ୍‌ଫ୍ ଆଣ୍ଡ ସୋସାଇଟି)।

# ରାଜଧାନୀରେ ଚାଂଚଲ୍ୟ: ଘର ମାଲିକଙ୍କୁ ହତ୍ୟା କଲା ଭଡାଟିଆ

ଭୁବନେଶ୍ୱର, ୨୧/୬ (ନି.ପ୍ର): ରାଜଧାନୀରେ ବିଭତ୍ସ ହତ୍ୟାକାଣ୍ଡ । ଘର ମାଲିକଙ୍କୁ ହତ୍ୟା କରିଛି ଭଡାଟିଆ । ତମାଣ୍ଡୋ ଥାନା ସିଭି ରମଣ କଲେଜ ପାଖରେ ଏହି ହତ୍ୟାକାଣ୍ଡ ଘଟିଛି । ରାସ୍ତା ଉପରୁ ମୃତଦେହ ଜବତ କରିଛି ପୋଲିସ୍ । ମୃତକ ସୁଶାନ୍ତ ଶତପଥି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ରକ୍ତାକ୍ତ ଅବସ୍ଥାରେ ମୃତଦେହ ଜବତ ପରେ ଘଟଣାସ୍ଥଳରେ ପୋଲିସ ପହଂଚି ଛାନଭିନ ଜାରି ରଖିଛି । ତମାଣ୍ଡୋ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଶିଶୁଙ୍କ ପାଇଁ ଟିକା ଓ ଏହାର ଉପକାରିତା



ପ୍ରତିଷେଧକ ରୋଗର ଚିକିତ୍ସା ଅପେକ୍ଷା ଭଲ । ଆଜିକାଲି ବିଭିନ୍ନ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ହେଲାଣି ଓ ବହୁ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ଉପରେ ନିରନ୍ତର ଗବେଷଣା ଚାଲୁ ରହିଛି । ପ୍ରତିଷେଧକ ବ୍ୟବସ୍ଥା ରୋଗ ମୂଳୋତ୍ପାଟନରେ ସାହାଯ୍ୟ କରେ- ଶିଶୁମାନଙ୍କ ଚିରାଚରିତ ଟିକା ଯଥା- ପୋଲିଓବୁନ୍ଦା, ବିସିଜି, ଡ଼ିପିଟି, ମିଳିମିଳା-ମମ୍ପସ୍‌ରୁବେଲା, ହେପାଟାଇଟିସ-ବି, ରାବିସ ଭାକ୍‌ସିନ, ଟିଟାନସ୍ ଟକ୍ସଏଡ଼, ଡ଼ିପ୍‌ଥେରିଆ-ଟିଟାନସ୍ ଟିକା, ରୁବେଲା ଟିକା ଛଡ଼ା ଅନେକ ନୂତନ ଟିକା ବାହାରିଲାଣି ଓ କେତେଗୁଡ଼ିଏ ପରୀକ୍ଷା ଅପେକ୍ଷାରେ ରହିଛି ।

ନୂଆ ଟିକାଗୁଡ଼ିକ ହେଲା: ହିମୋଫାଇଲସ୍ ଟାଇପ ବି: ଏହା ଏକ ଜୀବାଣୁଜନିତ ରୋଗ ଯଥା କାନପାଚିବା, ନିମୋନିଆ, ମସ୍ତିଷ୍କ ମେନିନ୍‌ଜାଇଟସ ଯାହା ଏହି ଜୀବାଣୁ ଦ୍ୱାରା ସାଧାରଣତଃ ହୋଇଥାଏ ତାକୁ ପ୍ରତିରୋଧ କରିଥାଏ । ଏହାର ତିନି ମାତ୍ରା ଇଞ୍ଜେକ୍ସନ ୧ ମାସ ବା ୨ ମାସ ବ୍ୟବଧାନରେ ଅଲଗା ବା ଅନ୍ୟ ଟିକା ସାଙ୍ଗରେ ଯଥା ଡ଼ିପିଟି ଯୁକ୍ତ ହେପାଟାଇଟିସ୍-ସି ସାଙ୍ଗରେ ମିଶାଇ ନେଇ ହେବ । ଏହି ଟିକା ଦେଢ଼ମାସ ବୟସରୁ ଆରମ୍ଭ ହେବ ।

ହେପାଟାଇଟିସ 'ଏ'- ଏହା ଏକ ଭୂତାଣୁଜନିତ ଯକୃତର ଜଣ୍ଡିସ ସୃଷ୍ଟିକାରୀ ରୋଗ ବର୍ଷାଦିନେ ବହୁଳ ଭାବରେ ଦୂଷିତ ପାଣି ଦ୍ୱାରା ବ୍ୟାପେ । ଏହା ଜଣକୁ ହେଲେ ସହଜରେ ସଂକ୍ରାମକ ରୂପ ଧାରଣ କରେ । ରୋଗୀ ଶରୀର ଆଖି, ପରିସ୍ରା ହଳଦିଆ ଦିଶିବା ସହ, ବାନ୍ତି ଓ କାଶ, ପେଟବ୍ୟଥା ଏବଂ ଭୋକ ମରିଯାଏ । ଦେଢ଼ମାସ ଶର୍ଯ୍ୟାଶାୟୀ ରହିବାକୁ ପଡ଼େ । ଏହାର ଟିକା ୧ ବର୍ଷ ବୟସ ପରେ ନେଇହୁଏ । ୨ ମାତ୍ରା ଇଞ୍ଜେକ୍ସନ ୬ ମାସରୁ ୧ ବର୍ଷ ବ୍ୟବଧାନରେ ଦିଆହୁଏ ।

ଚିକେନ ପକ୍ସ: ଏହା ଶୀତ ଋତୁରେ ଅଧିକ ହୁଏ । ବଡ଼ ବଡ଼ ଶିଶିର ଟୋପା ଭଳି ଫୋଟକା ବାହାରି ଅତ୍ୟଧିକ ଜ୍ୱର ହୁଏ- ବୟସ୍କ ଲୋକମାନଙ୍କୁ ଏହା ଅଧିକ ତୀବ୍ରତର ହୋଇଥାଏ, ପାଚିରେ ଘା' ହୋଇ, ଭୋକ ମରିଯାଏ, ଶରୀର ପୀଡ଼ା ହୁଏ, କାଶ ହୁଏ, ଅଳ୍ପ କେତେକ କ୍ଷେତ୍ରରେ ଘା' ଗୁଡ଼ିକ ପାଚିଯାଏ ଓ ମସ୍ତିଷ୍କକୁ ସଂକ୍ରମଣ କରିବାର ଆଶଙ୍କା ଥାଏ । ପିଲାମାନଙ୍କର ପରୀକ୍ଷା ସମୟରେ ଏହା ହେଉଥିବାରୁ ସେମାନେ ପରୀକ୍ଷାରୁ ବି ବଞ୍ଚିତ ହୁଅନ୍ତି । ଏକ ମାସ ପର୍ଯ୍ୟନ୍ତ ସ୍କୁଲରୁ ଅନୁପସ୍ଥିତ ରହିବାକୁ ପଡ଼ିଥାଏ । ଏହାର ଟିକା ୧ ବର୍ଷ ବା ୨ ବର୍ଷ ବୟସ ପରେ ଦେଇହେବ ।

ଟାଇଫଏଡ଼ ଟିକା : ଏହି ଟିକା ଯଦିଓ ପୁରୁଣା ସେଗୁଡ଼ିକ ଅଧିକ ଜ୍ୱର କରୁଥିବାର ଏବେ ନୂତନ ଶୈଳୀରେ କମ ସାଇଡ଼ ଇଫେକ୍ଟ ଥିବା ଟିକା ବାହାରିଛି, ଏହାକୁ ନେଲେ ତିନିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରୋଟେକ୍ସନ ମିଳିଥାଏ । ଆମ ରାଜ୍ୟରେ ଟାଇଫଏଡ଼ ଏକ ଅଧିକ ଦିନ ଜ୍ୱର, ଝାଡ଼ା, କାଶର ମୁଖ୍ୟକାରଣ । ବାହାରେ ଖାଇବା ଦ୍ୱାରା ଏହା ହୋଇଥାଏ । ଏହାର ଟିକା ଦୁଇବର୍ଷ ପରେ ଇଞ୍ଜେକ୍ସନର ଗୋଟିଏ ମାତ୍ର ଦିଆଯାଏ- ୬ ବର୍ଷରୁ ଅଧିକ ପିଲା ପାଟିବାଟେ କ୍ୟାପସୁଲ ଆକାରରେ ଟିକା ଖାଇପାରିବେ ।

ଇନ୍‌ଫ୍ଲୁଏନ୍‌ଜା ଟିକା : ଏହା ପ୍ରତିବର୍ଷ ନେବାକୁ ପଡ଼େ । କେତେକ ଗୋଷ୍ଠୀର ରୋଗୀ ଯଥା ଏଡ଼ସ୍, ସିକିଲସେଲ୍, ଥାଲାସିମିଆ, କ୍ୟାନସର ରୋଗୀଙ୍କୁ ଟିକା ଦିଆଯାଇଥାଏ । ଅନ୍ୟ ପିଲା ମଧ୍ୟ ଏହି ଟିକା ନେଇପାରିବେ ।

ନିମୋକୋକାଲ ଟିକା : ଏହା ପ୍ଲୀହା କାଢ଼ି ଦିଆଯାଇଥିବା ଶିଶୁମାନଙ୍କୁ, ଏଡସ୍ ରୋଗୀ, ଥାଲାସେମିଆ ରୋଗୀ ଏମାନଙ୍କୁ ଦିଆଯାଇଥାଏ । ଏହାଛଡ଼ା ମେନେଙ୍ଗୋକୋକାଲ ମେନିନ୍‌ଜାଇଟିସ୍ ଓ ଜାପାନିଜ୍ ଏନସେଫାଲାଇଟିସ୍ ଟିକା ମଧ୍ୟ ବାହାରିଛଇ । ଏଗୁଡ଼ିକ ଏପିଡ଼େମିକ ସମୟରେ ଯଥା- ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଖରାଦିନେ ଏବଂ ଆମ ଓଡ଼ିଶାରେ କଳାହାଣ୍ଡିରେ ମେନିଙ୍ଗୋକୋକାଲ ମେନିନାଇଟିସର ଏପଡ଼େମିକ ହୁଏ । ତେଣୁ ଏହି ରୋଗ ଦେଖାଦେଲା ମାତ୍ରେ ଉପରୋକ୍ତ ଟିକା ସମସ୍ତେ ନେବା ଆବଶ୍ୟକ ।

ଜାପାନିଜ୍ ଏନସେଫାଲାଇଟିସ ଏକ ମାରାତ୍ମକ ରୋଗ- ଏହା ଅଧିକ ଦକ୍ଷିଣ ଭାରତରେ ଦେଖାଯାଏ- ଘୁଷୁରୀ ଓ ଘୁଷୁରୀ ଚରାଇବା ଲୋକଙ୍କଠାରେ ଏହା ଅଧିକ ଦେଖାଦିଏ ଓ ଆପେ ଏହାର ଟିକା ଏପିଡ଼େମିକ ସମୟରୁ ଦିଆଯାଏ ।

ଭବିଷ୍ୟତରେ ଟିକା : ମ୍ୟାଲେରିଆ, ଲେପ୍ରସି, ଏଡ଼ସ ବିଭିନ୍ନ ପ୍ରକାର କ୍ୟାନସର ଇତ୍ୟାଦି ଟିକା ପାଇଁ ଗବେଷଣା ଚାଲୁ ରହିଛି ।

ଟିକାଦାନ କାର୍ଯ୍ୟସୂଚୀ (ଭାରତୀୟ ଶିଶୁ ଚିକିତ୍ସକ ସଂଘ)

ଜନ୍ମବେଳେ- ପୋଲିଓ ବୁନ୍ଦା, ବିସିଜି, ହେପାଟାଇଟିସ୍ ବି

ଦେଢ଼ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ୍ 'ବି'

ଅଢ଼େଇ ମାସ - ଡ଼ିପିଟି, ପୋଲିଓ, ହିମୋଫାଇଲସ 'ବି'

ସାଢ଼େ ତିନି ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ 'ବି'

୯ ମାସ - ମିଳିମିଳା, ଭିଟାମିନ୍‌ଥ 'କ' ଦ୍ରବଣ

୧୨ ମାସ ପରେ- ହେପା.ଏ, ଚିକେନପକ୍ସ

୧୫ ମାସ - ଏମ.ଏମ.ଆର

୧୮ ମାସ - ଡ଼ିପିଟି ବୁଷ୍ଟର, ପୋଲିଓ ବୁଷ୍ଟର(୧) ହେପା.ଏ(୨), ହିମୋଫାଇଲସ ବୁଷ୍ଟର (୧)

୨ ବର୍ଷ - ଟାଇଫଏଡ଼

୫ ବର୍ଷ - ଡ଼ିପିଟି, ପୋଲିଓ ବୁଷ୍ଟର(୨)

୧୦ ବର୍ଷ - ଟି.ଟି.

୧୫ ବର୍ଷ - ଟି.ଟି.

ଏକ ସୁସ୍ଥ ନିରୋଗ ଶିଶୁ ପାଇଁ ଉପରୋକ୍ତ ଟିକା ଦେବା ଆବଶ୍ୟକ ।

# ସିଗାରେଟ୍ ଟାଣିବା ପରେ ତୁରନ୍ତ କୋଲ୍ଡ ଡ୍ରିଙ୍କ୍ ପିଉଛନ୍ତି କି ? ସାବଧାନ୍ ଶରୀରରେ ପଡିପାରେ ପ୍ରଭାବ

**ସିଗାରେଟ୍ ଏବଂ କୋଲ୍ଡଡ୍ରିଙ୍କ ଉଭୟ ମଣିଷ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କିନ୍ତୁ ଏହି ତଥ୍ୟ ଜାଣିବା ସତ୍ତ୍ୱେ ଲୋକମାନେ ପ୍ରତିଦିନ ପିଇଥାଆନ୍ତି । ତଥାପି, କେବଳ ଅଳ୍ପ ଲୋକ ଉଭୟ ଜିନିଷ ଏକାଠି ପିଅନ୍ତି । ଆଜି ଆମେ ଆପଣଙ୍କୁ ଏହି ଆର୍ଟିକିଲରେ କହିବା ଯେ ଯଦି ଆପଣ ଉଭୟ ଜିନିଷକୁ ଏକାଠି ପିଅନ୍ତି ତେବେ ଆପଣଙ୍କ ଶରୀର ଉପରେ କ'ଣ ପ୍ରଭାବ ପଡ଼ିବ ? ଚାଲନ୍ତୁ ଜାଣିବା ଏହା ବିଷୟରେ...**

ନ୍ୟାସନାଲ ସେଣ୍ଟର ଫର ବାୟୋଟେକ୍ନୋଲୋଜି ସୂଚନା ଅନୁଯାୟୀ, ଯେତେବେଳେ ଆପଣ ପ୍ରତିଦିନ କୋଲ୍ଡଡ୍ରିଙ୍କ ପିଉଛନ୍ତି , ତେବେ ଆପଣଙ୍କ ଶରୀରରେ ଅଧିକ ଫ୍ରୁଟକୋଜ୍ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥାଏ । ଏହା ଆମ ଶରୀରର ମ୍ୟୁଟନ୍ସ ଆହୁରି ବଢାଇଥାଏ । ଏଥି ସହିତ, ସିଗାରେଟରେ ଥିବା ନିକୋଟିନ୍ ମଧ୍ୟ ଆମ ଶରୀରରେ ଏସ୍ ମ୍ୟୁଟାନ୍ସର ପରିମାଣ ମଧ୍ୟ ବଢାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଏକତ୍ର ସିଗାରେଟ୍ ଏବଂ କୋଲ୍ଡ ଡ୍ରିଙ୍କ୍ସ ପିଉ ଏହା ଆମ ଶରୀର ପାଇଁ ବିପଦଜନକ ଅଟେ । ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ର ରିପୋର୍ଟ ଅନୁଯାୟୀ, ସିଗାରେଟ୍ ଧୂଆଁ ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ । ଏହା ସହ ଅନେକ ରୋଗ ମଧ୍ୟ ସୃଷ୍ଟି କରିଥାଏ। ସିଗାରେଟ୍ ଟାଣିବା ଦ୍ୱାରା ଶ୍ୱାସକ୍ରିୟା, ରକ୍ତ ସଞ୍ଚାଳନ ପ୍ରଣାଳୀ, ପ୍ରଜନନ ପ୍ରଣାଳୀ, ଚର୍ମ ଏବଂ ଆଖି ତଥା ଆମର ଫୁସଫୁସକୁ ଖରାପ ପ୍ରଭାବିତ କରିଥାଏ । କେବଳ ଏତିକି ନୁହେଁ, ସିଗାରେଟ୍ ?ରେ ମଧ୍ୟ ଅନେକ ପ୍ରକାରର କର୍କଟ ରୋଗର ଆଶଙ୍କା ବଢିଥାଏ। ରିପୋର୍ଟ ଅନୁଯାୟୀ, ଫୁସଫୁସ କର୍କଟ ରୋଗରେ ଧୂମପାନ ଏକ ପ୍ରମୁଖ କାରଣ ହୋଇ ରହିଥାଏ।

ଗ୍ରୀଷ୍ମ ଋତୁରେ କୋଲ୍ଡଡ୍ରିଙ୍କ ପିଉଥିବା ଲୋକଙ୍କ ସଂଖ୍ୟା ବଢିଥାଏ । ଏହା ଆମ ଶରୀର ଉପରେ କେତେ ଖରାପ ପ୍ରଭାବ ପକାଇଥାଏ, ଆପଣ ଏହା ବିଷୟରେ ଜାଣିବାକୁ କେବେ ଚେଷ୍ଟା କରିଛନ୍ତି କି ? ବାସ୍ତବରେ, ଫ୍ରୁଟକୋଜ୍ ବହୁ ପରିମାଣରେ କୋଲ୍ଡଡ୍ରିଙ୍କ୍ ?ରେ ରହିଥାଏ। ଏହି କାରଣରୁ ପେଟରେ ଚର୍ବି ଜମା ହୋଇଥାଏ । ଅନ୍ୟ ପଟେ, ଯେତେବେଳେ ଆମେ



କୋଲ୍ଡଡ୍ରିଙ୍କ ପିଇବାର ପରିମାଣ ବଢିଥାଏ। ଏହା ଯକୃତ ଉପରେ ଅଧିକ ମାତ୍ରାରେ ପ୍ରଭାବ ପକାଏ। ମଦ୍ୟପାନ ନକରି ବି ଫ୍ୟାଟି ଲିଭର ରୋଗର ଆଶଙ୍କା ବଢିଥାଏ।

# ଏହି ବ୍ୟୁଟି ପ୍ରଡକ୍ଟରେ ରହିଥାଏ ବିପଜ୍ଜନକ କେମିକାଲ୍ ! ବ୍ୟବହାର କରିବା ପୂର୍ବରୁ ଜାଣି ନିଅନ୍ତୁ ଏହା ବିଷୟରେ...



ମେକଅପ୍ ଇଣ୍ଡଷ୍ଟ୍ରି ବହୁତ ବଡ। ଯେଉଁଥିରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପ୍ରତିଦିନ ନୂଆ-ନୂଆ କସମେଟିକ୍ ପ୍ରଡକ୍ଟ ଲଞ୍ଚ କରାଯାଏ । ଏହି ପ୍ରଡକ୍ଟ ଗୁଡ଼ିକ ବିଭିନ୍ନ ପ୍ରକାରର ଏବଂ ସେଗୁଡିକ ତିଆରି ଏବଂ ବ୍ୟବହାର କରିବାର ଉପାୟ ମଧ୍ୟ ଭିନ୍ନ ଅଟେ । ପ୍ରାୟତଃ ଦେଖାଯାଏ ଯେ ଲୋକମାନେ ଖାଦ୍ୟ ପଦାର୍ଥର ଲେବଲ୍ ପଢିନ୍ତି କିନ୍ତୁ ସେଥିରେ କେଉଁ ଜିନିଷ ଗୁଡିକ ମିଶ୍ରିତ ହୋଇଛି ତାହା ଦେଖିବା ପାଇଁ ମେକ୍ ଇନ୍ ଆଇଟମ ଗୁଡିକର ଲେବଲକୁ କେବେବି ଯାଞ୍ଚ କରନ୍ତି ନାହିଁ । ସୂଚନା ଅନୁଯାୟୀ ଅନେକ ଦ୍ରବ୍ୟରେ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ । ଯାହା ତ୍ୱଚା ବା ଚର୍ମ ପାଇଁ ଭଲ ନୁହେଁ। ଏପରି କିଛି କସମେଟିକ୍ କମ୍ପାନୀ ଗୁଡିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ଉପାଦାନ ଉପରେ ନଜର ରଖନ୍ତି । ସେ ଏପରି ତିନୋଟି ସୌନ୍ଦର୍ଯ୍ୟ ଦ୍ରବ୍ୟକୁ କହିଛନ୍ତି ଯାହାକୁ ଏଡାଇବା ଉଚିତ୍।

ୱାଟରପ୍ରୁଫ୍ ମସ୍କାରା: ୱାଟରପ୍ରୁଫ୍ ମସ୍କାରା ତିଆରି କରିବା ପାଇଁ କମ୍ପାନୀ ଗୁଡିକ ଏଥିରେ ପର-ଆଣ୍ଡ-ପଲି-ଫ୍ଲୋରୋ ଆଲ୍କାଇଲ୍ ପଦାର୍ଥ ଯୋଗ କରିବାକୁ ପଡିଥାଏ। ଚରଇଝ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଏ। ଯାହା କିଡନୀ, ହାଇ କୋଲେଷ୍ଟ୍ରଲ, ବନ୍ଧ୍ୟାକରଣ ଏବଂ ମସ୍ତିଷ୍କ ରୋଗ ମଧ୍ୟ ସୃଷ୍ଟି କରିପାରେ । ମାନବ ଶରୀରର ପ୍ରତ୍ୟେକ ଅଙ୍ଗ ପାଇଁ ଚରଇଝ ବିପଜ୍ଜନକ ଅଟେ। ଚରଇଝ ର ସଂସ୍ପର୍ଶରେ ଆସିବା ଦ୍ୱାରା ଦୁର୍ବଳ ପ୍ରତିରୋଧକ ଶକ୍ତି, କେତେକ ପ୍ରକାରର କର୍କଟ, ମଧୁମେହ, ମୋଟାପଣ ଭଳି ସମସ୍ୟା ମଧ୍ୟ ଦେଖାଦେଇପାରେ।

ଡ୍ରାଇ ଶ୍ୟାମ୍ପୁ: ଡ୍ରାଏ ସାମ୍ପୁ ମଧ୍ୟ କେବେବି ବ୍ୟବହାର କରାଯିବା ଉଚିତ୍ ନୁହେଁ। ଏହି ଡ୍ରାଏ ସାମ୍ପୁରେ ବେନଜିନ ନାମକ ଏକ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ। ଯାହାକି ଏକ କର୍କିନୋଜେନ । ଏହାର ଅଳ୍ପ ପରିମାଣରେ ବ୍ୟବହାର କର୍କଟ ରୋଗ ହେବାର ଆଶଙ୍କା ବଢାଇଥାଏ ।

କେଶ ସିଧା କରିବା କେମିକାଲ: କେଶ ସିଧା କରିବା ରାସାୟନିକ ପଦାର୍ଥ ଗର୍ଭାଶୟ କର୍କଟ ହେବାର ଆଶଙ୍କା ବଢାଇଥାଏ। ଏହା ମଧ୍ୟ ଓଭାରି ଏବଂ ସ୍ତନ କର୍କଟ ରୋଗର ଆଶଙ୍କା ବଢାଇପାରେ । କାରଣ ଏଥିରେ ପାରାବେନ୍ସ, ବିସଫେନଲ୍ ଏ ଏବଂ ଫର୍ମାଲଡିହାଇଡ୍ ପରି ବିପଜ୍ଜନକ ରାସାୟନିକ ପଦାର୍ଥ ରହିଥାଏ । ଏହି ସବୁ ସେମାନେ ସିଧାସଳଖ ଖପୁରିରେ ଅବଶୋଷିତ ହୁଏ।

# ଘରର ପଶ୍ଚିମ ଦିଗରେ ରଖନ୍ତୁ ନାହିଁ ଏହି ସବୁ ଜିନିଷ: ପଡିପାରେ ନକାରାତ୍ମକ ପ୍ରଭାବ



ପ୍ରତିଟି ଲୋକ ଘର ଭିତରେ ସକାରାତ୍ମକ ପରିବେଶ ଚାହିଁଥାନ୍ତି । ଏଥିପାଇଁ ବାସ୍ତୁ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ଘର ଭିତରେ ସକାରାତ୍ମକ ପରିବେଶ ବଜାୟ ରଖିବା ପାଇଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ । ପ୍ରତ୍ୟେକ ଦିଗର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଛି । ଦିଗର ମହତ୍ତ୍ୱ ଜାଣିବା ପରେ ହିଁ ଆମେ ଘରକୁ ବାସ୍ତୁ ଅନୁସାରେ ସଜାଡ଼ିବା ଉଚିତ୍ ହେବ । ଫଳରେ ଘର ଭିତରେ ସକାରାତ୍ମକ ଚିନ୍ତାଧାରା ବଢିବା ସହ ନକାରାତ୍ମକ ଶକ୍ତି କମ୍ କରିପାରିବେ । ଚାଲନ୍ତୁ ଜାଣିବା ବିଶେଷକରି ପଶ୍ଚିମ ଦିଗ ବିଷୟରେ । ଏହି ଦିଗର ସ୍ୱାମୀ ବରୁଣ ଦେବ । ତାଙ୍କ ସହ ଶନିଙ୍କ ପ୍ରଭାବ ମଧ୍ୟ ରହିଥାଏ ଏହି ଦିଗ ଉପରେ । ଚାଲନ୍ତୁ ଦେଖିବା ପଶ୍ଚିମ ଦିଗରେ କ'ଣ ନ ରଖିବା ଦରକାର।

ରଖନ୍ତୁନି ଆକ୍ୱାରିୟମ୍: ପଶ୍ଚିମ ଦିଗରେ ଏପରି କୌଣସି ଜିନିଷ ରଖନ୍ତୁନି, ଯେଉଁଥିରେ ପାଣି ସାମିଲ୍ ରହିଥିବ । ଏହି ଦିଗରେ ଆକ୍ୱାରିୟମ୍ ବା ଫାଉଣ୍ଟେନ୍ ରଖିବା ଉଚିତ୍ ନୁହେଁ । ନଚେତ୍ ଘର ଭିତରେ ନକାରାତ୍ମକ ଉର୍ଜ୍ଜା ବଢିଥାଏ ।

ଭଗବାନଙ୍କ ଫଟୋ ରଖନ୍ତୁନି: ପଶ୍ଚିମ ଦିଗରେ କୌଣସି ଭଗବାନଙ୍କ ଫଟୋ ବା ତାଙ୍କ ସମ୍ବନ୍ଧୀୟ ଜିନିଷ ରଖିବା ଅନୁଚିତ୍ । ପୂଜା ପାଇଁ ରଖାଯାଉଥିବା ଭଗବାନଙ୍କ ଫଟୋ ସବୁବେଳେ ପୂଜା ଘରେ ପୂର୍ବ ଆଡକୁ ମୁହଁ କରି ରଖିବା ଉଚିତ୍ ।

ତୁଳସୀ ରଖାଯାଏନା: ପ୍ରାୟ ଲୋକ ନିଜ ଘରେ ଭିନ୍ନ ଭିନ୍ନ ପ୍ରକାରର ଗଛ ଲଗାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପଶ୍ଚିମ ଦିଗରେ କେବେ ବି ତୁଳସୀ ଗଛ ରଖିବା ଅନୁଚିତ୍ । ବାସ୍ତୁ ଅନୁସାରେ ତୁଳସୀ ଗଛ ସର୍ବଦା ପୂର୍ବ ଦିଗ ଆଡ଼କୁ ରଖିବା ଦରକାର ।

ବଡ଼ ଝରକା ରଖନ୍ତୁନି: ଘରକୁ ବାୟୁ ଚଳାଚଳ କରିବା ପାଇଁ ବଡ଼ ବଡ଼ ଝରକା ରଖିବା ଉଚିତ୍, କିନ୍ତୁ ପଶ୍ଚିମ ଦିଗରେ ଝରକା ବା କବାଟ ରଖିବା ଅନୁଚିତ୍ । ଯଦି ବଡ଼ ଝରକା ରହିଥାଏ, ତେବେ ଏହାକୁ ପରଦା ଦେଇ ବନ୍ଦ କରିଦିଅନ୍ତୁ । କରନ୍ତୁନି।

ପିଲାଙ୍କ ପଢାଘର: ଆଜିକାଲି ସମସ୍ତଙ୍କ ଘରେ ପିଲାଙ୍କ ପଢିବା ପାଇଁ ଗୋଟିଏ ଲେଖାଁଏ ପଢା ଘର ରହୁଛି । ତେବେ ଏହି ପଢା ଘରକୁ ମଧ୍ୟ ପଶ୍ଚିମ ଦିଗରେ ରଖିବା ଅନୁଚିତ୍ । ପଢା ଘର ସବୁବେଳେ ପୂର୍ବ ଦିଗରେ କରନ୍ତୁ, ଯାହା ପିଲାଙ୍କ ପାଇଁ ତଥା ଘର ପାଇଁ ଭଲ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶିକ୍ଷାନୁଷ୍ଠାନରେ ଜାତିଭେଦ...

ଶିକ୍ଷାର ପ୍ରସାର ସହିତ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଜାତିପ୍ରଥା ଇତ୍ୟାଦି ଦୂର ହୋଇଯିବା ଆଶା କରାଯାଏ ; ଏହା ଅନେକାଂଶରେ ହୋଇଛି ମଧ୍ୟ। ତଥାପି ଦେଶର ପ୍ରାୟ ସବୁ ଭାଗରେ ସମାଜରେ ଜାତିଭେଦ ଊଣା ଅଧିକେ ରହି ଆସିଛି ଏବଂ ଏହାକୁ ନେଇ ସ୍ୱାଧୀନତାର ସାଢ଼େ ସାତ ଦଶନ୍ଧି ପରେ ଜାତିଆଣ ରାଜନୀତି ମଧ୍ୟ ଚାଲିଛି। ଆଉ ଏ କ୍ଷେତ୍ରରେ ଦକ୍ଷିଣ ଭାରତର କେତେକ ରାଜ୍ୟ, ବିଶେଷକରି ତାମିଲନାଡୁ ଅନେକାଂଶରେ ଆଗରେ ରହିଛି। ଗତ ବର୍ଷ ଅଗଷ୍ଟ ମାସରେ ତାମିଲନାଡୁର ତିରୁନେଲଭେଲି ଜିଲ୍ଲାର ନାଙ୍ଗୁନେରୀ ନାମକ ଏକ ସହରରେ ଦୁଇ ଜଣ ଦଳିତ ପିଲାଙ୍କ ଉପରେ ସେମାନଙ୍କର ଉଚ୍ଚ ଜାତିର ସ୍କୁଲ ସାଥୀମାନଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ହୋଇଥିଲା, ଯାହା ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ପରିସ୍ଥିତିର ପ୍ରତିକାର ଖୋଜିବାକୁ ବାଧ୍ୟ କରିଥିଲା। ଫଳରେ ସରକାର ମାଡ୍ରାସ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ସ୍କୁଲ ଏବଂ କଲେଜମାନଙ୍କରେ ଜାତିଆଣ ଅତ୍ୟାଚାର ସମ୍ପର୍କରେ ଅଧ୍ୟୟନ କରିବାକୁ ନିଯୁକ୍ତ କଲେ। ସମ୍ପ୍ରତି ନ୍ୟାୟମୂର୍ତ୍ତି କେ ଚନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ କେତେଗୁଡ଼ିଏ ପରାମର୍ଶ ପ୍ରଦାନ କରିଛି, ଯାହା ଉପରେ କେବଳ ତାମିଲନାଡୁରେ ନୁହେଁ, ବରଂ ସମଗ୍ର ଦେଶରେ ପୁଙ୍ଖାନୁପୁଙ୍ଖ ଭାବରେ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି, କାରଣ ଜାତିଆଣ ପରିଚୟ ଐତିହାସିକ ଭାବରେ ସମାଜର ନିମ୍ନ ସ୍ତରର ଲୋକଙ୍କୁ ଏବଂ ଅବହେଳିତ ବର୍ଗଙ୍କୁ ଭୟଭୀତ କରିବା ନିମନ୍ତେ ଉଚ୍ଚ ଜାତି ବା ବର୍ଗର ଲୋକମାନଙ୍କ ଦ୍ୱାରା ପ୍ରୟୋଗ କରାଯାଉଥିବା ଏକ ଆୟୁଧ ସାବ୍ୟସ୍ତ ହୋଇ ଆସିଛି। ଆହୁରି ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ଜାତିଭିତ୍ତିକ ଚିହ୍ନ ଥିବା ବା ରଙ୍ଗରେ ରଙ୍ଗା ଯାଇଥିବା ବାଇସାଇକେଲ ବ୍ୟବହାର କରିବାକୁ ବାରଣ କରାଯାଇଛି। ଏହା ବାଦ୍ ସ୍କୁଲର ନାମରେ କୌଣସି ପ୍ରକାରର ଜାତିଗତ ଉପାଧି ଲେଖିବାକୁ ମନା କରାଯାଇଛି ; ସରକାରୀ ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ସୁପାରିସ କରାଯାଇଛି ଯେପରିକି କଲ୍ଲାର ବୋଲି ନିଜକୁ ଦାବି କରିବା (କଲ୍ଲାର ଏକ ସମ୍ପ୍ରଦାୟକୁ ବୁଝାଇ ଥାଏ) ଏବଂ ଆଦି-ଦ୍ରାବିଡାର କଲ୍ୟାଣ ଇତ୍ୟାଦି। ସର୍ବୋପରି, ନ୍ୟାୟମୂର୍ତ୍ତି ଚନ୍ଦ୍ରୁ ପିଲାମାନଙ୍କର ଜାତିଗତ ପରିଚୟକୁ ଗୋପନ ରଖିବାକୁ ସୁପାରିସ କରିଛନ୍ତି। କହିବା ବାହୁଲ୍ୟ, ଏଭଳି ସୁପାରିସଗୁଡ଼ିକ କିଛି ନୂଆ ନୁହେଁ, କାରଣ ପ୍ରାୟ ପଚିଶ ବର୍ଷ ପୂର୍ବେ ଦକ୍ଷିଣର ଜିଲ୍ଲାଗୁଡ଼ିକରେ ଜାତିଆଣ ଦଙ୍ଗା ହେବା ପରେ ସରକାର ପରିବହନ ନିଗମ ସମୂହ ଏବଂ ଜିଲ୍ଲାଗୁଡ଼ିକୁ ଦିଆ ଯାଇଥିବା ଜାତି, ସମ୍ପ୍ରଦାୟ ଏବଂ ନେତାମାନଙ୍କ ନାମକୁ ବାଦ୍ ଦେଇଥିଲେ। ତା'ର ବହୁ ଆଗରୁ ରାସ୍ତାକଡ଼ ସାଇନବୋର୍ଡଗୁଡ଼ିକରୁ ଜାତିଆଣ ସାଙ୍ଗିଆ ଉଠାଇବା ଉପରେ ମଧ୍ୟ ପରୀକ୍ଷା ନିରୀକ୍ଷା କରିଥିଲେ। ମାତ୍ର କିଛି ବର୍ଷ ପୂର୍ବେ ପାଠ୍ୟପୁସ୍ତକଗୁଡ଼ିକରୁ ଲୋକପ୍ରିୟ ନେତାମାନଙ୍କ ସାଙ୍ଗିଆ ଉଠାଇ ଦିଆଯାଇଥିଲା। ସମ୍ପ୍ରତି ନ୍ୟାୟମୂର୍ତ୍ତି ଚନ୍ଦ୍ର କମିଟି ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ପ୍ରସଙ୍ଗଗୁଡ଼ିକ ସମ୍ବଳିତ ପାଠ୍ୟଗୁଡ଼ିକର ଯାଞ୍ଚ କରିବା ନିମନ୍ତେ ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀମାନଙ୍କୁ ନେଇ ଏକ ସାମାଜିକ ନ୍ୟାୟ ନିରୀକ୍ଷଣ କମିଟି ନିଯୁକ୍ତ କରିବାକୁ ସରକାରଙ୍କୁ ସୁପାରିସ କରିଛନ୍ତି। ସଙ୍ଗେ ସଙ୍ଗେ ସ୍କୁଲ ପାଠ୍ୟରେ ସାମାଜିକ ନ୍ୟାୟ, ସମାନତା, ଏବଂ ଭେଦଭାବ ହୀନତାକୁ ସାମିଲ କରିବାକୁ କହିଛନ୍ତି। ପୁନଶ୍ଚ, କମିଟି ମଧ୍ୟ ଶିକ୍ଷାକୁ ସମାବେଶିତା ଅଭିମୁଖୀ କରିବା ନିମନ୍ତେ ବି.ଏଡ୍ ଏବଂ ଏଲିମେଣ୍ଟାରୀ ଏଜୁକେସନ୍‌ରେ ଡିପ୍ଲୋମା ପାଠ୍ୟକ୍ରମର ସଂଶୋଧନକୁ ସୁନିଶ୍ଚିତ କରିବା ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ତେବେ କମିଟି ଏସବୁ ସହିତ କେତେକ ପୁରୁଣା ପ୍ରଥାର ପ୍ରତ୍ୟାବର୍ତ୍ତନ ହେବା ଭଳି ପରାମର୍ଶ ଦେଇଛନ୍ତି ଯେପରି ପ୍ରତି ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ବ୍ୟବସ୍ଥାର ଉଚ୍ଛେଦ। ପରନ୍ତୁ, ସରକାର ଯଦି ଏହାକୁ ଅଣଦେଖା କରନ୍ତି, ତା'ହେଲେ ସମସ୍ତଙ୍କର ମଙ୍ଗଳ ହେବ। ଅପର ପକ୍ଷରେ, କମିଟି ପ୍ରତି ବ୍ଲକ୍ ବା ପଞ୍ଚାୟତ ସଂଘରେ କେନ୍ଦ୍ରୀକୃତ ରନ୍ଧନ ବ୍ୟବସ୍ଥା ସମ୍ପର୍କରେ ଯାହା ସୁପାରିସ କରିଛନ୍ତି, ତାହା ହୁଏତ ରୋଷେୟାମାନଙ୍କର ଜାତିଗତ ପରିଚୟକୁ ଲୁଚାଇବାରେ ସକ୍ଷମ ହୋଇପାରେ, ତେବେ ଏହା ଭେଦଭାବକୁ ଦୂର କରିବା ନିମନ୍ତେ ଯେ ଉତ୍ତମ ପଦକ୍ଷେପ ହେବ, ତାହା କ୍ୱଚିତ୍ କୁହାଯାଇ ପାରିବ। ସେହିପରି ଏକ ସମାନ ରୂପର ସାମାଜିକ ନ୍ୟାୟ ବିଦ୍ୟାର୍ଥୀ ବଳ ପ୍ରତିଷ୍ଠା କରିବାର ସୁପାରିସ, ଯାହା ସ୍ୱାଧୀନ ଭାବରେ କାମ କରିବ ଏବଂ ନିୟମିତ ଭାବରେ ଡ୍ରିଲ ଓ ବ୍ୟାୟାମ ଇତ୍ୟାଦି ସମ୍ପନ୍ନ କରାଇବ, ତାକୁ ସାବଧାନତାର ସହିତ ବିଚାର କରାଯିବାର ଆବଶ୍ୟକତା ରହିଛି। ଏ ବାବଦରେ ସମାନତାକୁ ରକ୍ଷା କରିବା ପାଇଁ ବିଦ୍ୟମାନ ଏନ୍ ?ସିସି, ସ୍କାଉଟସ୍ ଆଣ୍ଡ୍ ଗାଇଡସ୍ ଏବଂ ଏନ୍‌ଏସ୍‌ଏସ୍ ପର୍ଯ୍ୟାପ୍ତ। ନ୍ୟାୟମୂର୍ତ୍ତି ଚନ୍ଦ୍ରଙ୍କର ଏ ସବୁଯାକ ସୁପାରିସ ମଧ୍ୟରୁ ଅଧିକାଂଶ ସୁପାରିସକୁ କାର୍ଯ୍ୟପାଳିକାର ଆଦେଶଗୁଡ଼ିକ ଜରିଆରେ କାର୍ଯ୍ୟକାରୀ କରାଯାଇ ପାରିବ। ତେବେ ଏଥି ମଧ୍ୟରୁ କେତେକକୁ ପ୍ରଣୟନ କରିବା ନିମନ୍ତେ ଏକ ସାମ୍ପ୍ରଦାୟିକ ସହମତିର ଆବଶ୍ୟକତା ଅବଶ୍ୟ ରହିବ। ମୋଟାମୋଟି ଯେ ପର୍ଯ୍ୟନ୍ତ ଗ୍ରାମ୍ୟ ସ୍ତରରେ ଅର୍ଥାତ୍ ଗ୍ରାମାଞ୍ଚଳରେ ଲୋକମାନଙ୍କ ମନରୁ ଜାତିଆଣ ଭେଦଭାବ ଦୂର ହୋଇନାହିଁ ଏବଂ ଏହା କରିବା ନିମନ୍ତେ ରାଜନୀତିକ ଇଚ୍ଛାଶକ୍ତିର ଅଭାବ ରହିବ, ସ୍କୁଲରେ ପଢୁଥିବା ଶିକ୍ଷାର୍ଥୀମାନଙ୍କ ମନରୁ ଏହାକୁ ଦୂର କରିବା ଦୁରୂହ ହେବ।




## ଦାରୁଦିଅଁଙ୍କର ସ୍ନାନଯାତ୍ରା

### ସସ୍ମିତା ପଟ୍ଟନାୟକ

ବାରମାସେ ତେରଯାତରା ରଚିଲ
କଳାକଳେବର ହରି
ସ୍ନାନଯାତ୍ରା ସହ ଗୁଣ୍ଡିଚା ବାହୁଡା
ନିଳାଦ୍ରୀ ବିଜୟ ପରି ।
ଜ୍ୟେଷ୍ଠପୂର୍ଣ୍ଣମୀରେ ନିଳାଚଳଧା ମେ
ଦିଅଁଙ୍କର ସ୍ନାନଯାତ
ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ପାଇଁ
ସ୍ନାନବେଦୀ ତ ସଜ୍ଜିତ ।
ଦାରୁଦିଅଁ ଛାଡି ରତ୍ନସିଂହାସନ
ସ୍ନାନ ମଣ୍ଡପେ ବିଜୟ
ଶହେ ଆଠଗରା ଜଳବରଷିବ
ଗଜାନନ ବେଶେ ଲୟ ।
ଏକାକାର ଏଠି ଭକ୍ତ ଭଗବାନ
ମାନବୀୟ ଲୀଳା ଖେଳା
ଭାବ ବିନୋଦିଆ ଭାବରଠାକୁର
ଧନ୍ୟ ଜଗା ତୁମ ଲୀଳା ।
ବଡ଼ଠାକୁର ସେ ବଳଭଦ୍ର ଦେବ
ସାଥେ ସୁଭଦ୍ରା ଭଉଣୀ
ବ୍ରହ୍ମାଣ୍ଡର ପତି ହେ କଳା ଗୋସେଇଁ
ସୁଦର୍ଶନ ଦେବ ପୁଣି ।
ଶହେ ଆଠଗରା ସୁବାସିତ ଜଳ
ସୁନାକୂଅ ଅଛି ରେଡି
କୋଠସୁଆସିଆ ସେବକେ ସଜାଗ
ମହାସ୍ନାନ ସାଥେ ଜଡି ।
ସ୍ନାନବେଦୀ ପରେ ଝରିପଡୁଥିବ
ଶ୍ରୀଅଙ୍ଗରୁ ଜଳରାଶି
ସେ ପାଦରେଣୁକୁ ପାନ କରି ସର୍ବେ
ଭରୁ ଜୀବନ ସରସୀ ।
ଆସ ଆସ ପ୍ରଭୁ ଦାରୁଦିଅଁ ହୁଅ
ସ୍ନାନ ମଣ୍ଡପରେ ଉଭା
ଭକତେ ଦେଖିବୁ ମହାସ୍ନାନ ତୁମ
କାନ୍ତ କମନୀୟ ଶୋଭା ।
ଓଡିଶା ଗରିମା ପୁଣିଶିରୋନାମା
ହେ ପ୍ରଭୁ ଜଗତ ସାଇଁ
ହଟିଆ ନଟିଆ ନାଟ ଲଗାଉଛ
ସ୍ରଷ୍ଟା ସୃଷ୍ଟିକୁ ଭିଆଇ ।


ରାସୋଳ, ଢେଙ୍କାନାଳ




# ଦେବସ୍ନାନ ମଣ୍ଡପରେ ଗଜାନନ ବେଶ

## ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆମାନଙ୍କ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ। ଓଡିଶାର ଜନ ଜୀବନରେ ସେହିଁ କେବଳ ଓତଃପ୍ରୋତଭାବେ ଜଡ଼ିତ। 'ବାରମାସେ ତେର ଯାତ, ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ'। ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ବିଭିନ୍ନ ପର୍ବପର୍ବାଣି ଓ ଯାତ୍ରାର ସାର୍ବଜନୀନ ପ୍ରତିରୂପର ସେହିଁ ହେଉଛନ୍ତି କେନ୍ଦ୍ର ବିନ୍ଦୁ , ମୂଳ ଆଧାର। ବହୁ ଦେବ ଦେବୀଙ୍କର ଆରାଧନା, ବିଭିନ୍ନ ଧର୍ମର ସ୍ରୋତ ପ୍ରଭାବିତ ସେ କେବଳ ସବୁର ମୂଳ ଉତ୍ସ, ଓଡ଼ିଆ ସଂସ୍କୃତିର ପ୍ରେରଣା ଦାତା ଓ ରକ୍ଷାକର୍ତ୍ତା। ଏହି କାରୁଣିକ ଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ "ଦ୍ୱାଦଶ ଯାତ୍ରା" ଅଥାର୍ଥ ଦେବସ୍ନାନ ପୂର୍ଣ୍ଣିମା ହେଉଛି ପ୍ରଧାନ। ଲୋକନାଥ ବିଦ୍ୟାଧର'ଙ୍କ ଭାଷାରେ:

"ସ୍ନାନ ଗୁଣ୍ଡିଚା ଶୟନ ଯାତ୍ରା ଅନ୍ତେ ଅୟନ,/ ପାରୁଣ ପରିବର୍ତନ ଉତ୍‌ଥାପନ ଓଢଣ/ ମକର, ଅଭିଷେକ, ଦୋଳ, ଦମନ, ଚନ୍ଦନ ଯେ ରୂପେ ଦ୍ୱାଦଶ ଉତ୍ସବ ଯେକେ ଯେକେ ସଂଘନ।"

ଓଡ଼ିଆ ସାହିତ୍ୟରେ ବିଭିନ୍ନ ସୃଜନଶୀଳ ସାହିତ୍ୟିକଗଣ ନିଜର ଲେଖନୀ ଦ୍ୱାରା ଜଗନ୍ନାଥଙ୍କ ମହିମାକୁ ପ୍ରଭାବଶାଳୀ କରିଆସିଛନ୍ତି। କାରଣ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା ଭାବେ ପ୍ରତିଭାତ। ଓଡ଼ିଆମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର। ତାଙ୍କର ଦେଉଳ ବଡ଼ ଦେଉଳ, ତାଙ୍କର ଦାଣ୍ଡ ବଡ଼ ଦାଣ୍ଡ। ତାଙ୍କର ଭୋଗ ମହାପ୍ରସାଦ, ସିଂହାସନ ରତ୍ନସିଂହାସନ, ଦୀପ ମହାଦୀପ। ଏପରିକି ତାଙ୍କର ବାନା ପତିତପାବନ, ବାଲି ଶରଧା ବାଲି।

ଓଡ଼ିଆ ଜନ ଜୀବନର ପ୍ରାଣ କେନ୍ଦ୍ର ଏହି ବଡ଼ ଠାକୁର। ସେହି ବଡ଼ଠାକୁରଙ୍କ ସ୍ନାନ ଯାତ୍ର।। ଜ୍ୟେଷ୍ଠ ପୂର୍ଣ୍ଣିମା ଶ୍ରୀମନ୍ଦିରର ପ୍ରସିଦ୍ଧ ପର୍ବ ବାସର। ଏହା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ସ୍ନାନ ଯାତ୍ରା ପାଇଁ ପ୍ରଶସ୍ତ କ୍ଷେତ୍ର। ଓଡ଼ିଶାରେ ଜ୍ୟେଷ୍ଠପୂର୍ଣ୍ଣିମା ସ୍ନାନ ପୂର୍ଣ୍ଣିମା ଭାରତ ପଞ୍ଜିକାରେ ଉକ୍ତ ତିଥି ଦେବ ସ୍ନାନ ପୂର୍ଣ୍ଣିମା ଭାବରେ ପରିଚୟ ବହନ କରିଛି। ଏହି ସ୍ନାନ ସାଂଗକୁ ଜଗନ୍ନାଥଙ୍କର ମନଲୋଭା 'ଗଜାନନ ବେଶ'। ଜଗନ୍ନାଥସ୍ନାନ ଉତ୍ସବପରେ ଗୃହକୁ ଯାତ୍ରା କରନ୍ତି। ଦେବସ୍ନାନ ଉତ୍ସବ ସଂପର୍କରେ ଓଡ଼ିଶାର ପ୍ରଖ୍ୟାତ ଧର୍ମଗ୍ରନ୍ଥ ଗଦାଧର ପଦ୍ଧତିରେ ଯାତ୍ରା ଓ ତାର ପ୍ରଭାବ ଉଲ୍ଲେଖ ରହିଛି। ଏପରିକି ଜ୍ୟେଷ୍ଠ ପୂର୍ଣ୍ଣିମାକୁ 'ଶ୍ରୀଜଗନ୍ନାଥ ଦିବସ' ରୂପେ ଉଲ୍ଲେଖ ରହିଛି। ରୀତିନୀତି ଅନୁଯାୟୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ସ୍ନାନ ବେଦୀ ଉପରକୁ ଆସନ୍ତି। ସୁନା କୂଅରୁ ୧୦୮ ଗରା ଜଳ ଅଣାଯାଇ ବିଧି ଅନୁସାରେ ଠାକୁରମାନଙ୍କୁ ସ୍ନାନ କରାଯାଏ। ତତ୍ପରେ ତିନି ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଏ।

ପୁରାଣ ଅନୁସାରେ ସ୍ନାନ କରାଯାଏ। କହିବାକୁ ଗଲେ ସର୍ବସାଧାରଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତୀବେଶ ଖୁବ୍ ଲୋକପ୍ରିୟ। ପୁରୁଷୋତ୍ତମ ମହାତ୍ମ୍ୟ ସ୍କନ୍ଦ ପୁରାଣର ଅନ୍ୟତମ ବିଶିଷ୍ଟ ଅଂଶ। ବ୍ରହ୍ମ ପୁରାଣ ଓ ନାରଦ ପୁରାଣରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସଂପୃକ୍ତ ପ୍ରସଂଗରେ ବିସ୍ତୃତ ବିବରଣୀ ରହିଛି। ବିଶେଷ କରି ପୁରୁଷୋତ୍ତମ ମହାତ୍ମ୍ୟରେ ତାଙ୍କର ସୁପ୍ରସିଦ୍ଧ ଦ୍ୱାଦଶ ଯାତ୍ରାର ପ୍ରସଂଗ ଉଲ୍ଲେଖ ରହିଛି। ପୁରୁଷୋତ୍ତମ ମହାତ୍ମ୍ୟ ଗ୍ରନ୍ଥରେ ସ୍ନାନ ପୂର୍ଣ୍ଣମୀ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବର ଶୁଭ ମୁହୂର୍ତ୍ତରେ ଓ ସେହି ଅବସରରେ ତାଙ୍କର ପୂଣ୍ୟ ସ୍ନାନ ସମାପିତ ହେବା ଉଚିତ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କୁହାଯାଇଛି। ଶ୍ରୀହର୍ଷଙ୍କ ରଚିତ ନୈଷଧ ଚରିତରେ ଜଗନ୍ନାଥଙ୍କ ଏହି ସ୍ନାନ ଯାତ୍ରାର ସନ୍ଧାନ ମିଳେ। ଡଃ ଗୋପୀନାଥ ମହାପାତ୍ରଙ୍କ ନୈଷଧ ଚରିତରେ ଶ୍ରୀଜଗନ୍ନାଥଙ୍କ ମହିମା ଉଲ୍ଲେଖ ରହିଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କ ମହିମା ଓଡ଼ିଶା ବାହାରେ ପ୍ରଶସ୍ତି ଲାଭ କରିଥିଲା। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ରଚିତ ଜୀମୂତ ବାହାନଙ୍କ କାଳ ବିବେକରେ ସ୍ଥାନ ପାଇଛି ଯେ, ଜ୍ୟେଷ୍ଠ ପୂର୍ଣ୍ଣମାରେ ଶ୍ରୀପୁରୁଷୋତ୍ତମ ବ୍ରତ ପାଳନ କଲେ ଓ ଦର୍ଶନ କଲେ ପୁଣ୍ୟଫଳ ମିଳେ।' ଜଗନ୍ନାଥ ପ୍ରଭୁ ସ୍ନାହାନ ମଣ୍ଡପରେ / ଲକ୍ଷେ ଯୋଡା ପାଣି ଢାଳନ୍ତି ମୁଖରେ।'

ସେହିଭଳି ସ୍ନାନ ବେଦୀ ଉପରେ ଶ୍ରୀଜଗନ୍ନାଥଙ୍କର ଗଜାନନ ବେଶ ସମ୍ପର୍କରେ ଆଉ ଏକ ଚମତ୍କାର କୌତୁହଳ ପ୍ରଦ କିମ୍ବଦନ୍ତୀ ସଂଶ୍ଳିଷ୍ଟ ରହିଛି। ଶ୍ରୀଜଗନ୍ନାଥଙ୍କ ଅନ୍ତର୍ଯ୍ୟାମୀତ୍ୱ ବା ଭକ୍ତିର ମନ ଜାଣିବା ବିଶେଷତ୍ୱ ସେହି ପର୍ଣ୍ଣପତିଭଟ୍ଟ କିମ୍ବଦନ୍ତୀରେ ସ୍ପଷ୍ଟ। ଏପରିକି ଶ୍ରୀଜଗନ୍ନାଥଙ୍କୁ ସାର୍ବଭୌମ ଶକ୍ତିଧାରୀଭଗବାନ ରୂପେ ପ୍ରତିପାଦନ କରିବା ପାଇଁ କିମ୍ବଦନ୍ତୀଟି ବେଶ୍ ପରିକଳ୍ପିତ। ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ବେଶର ତାତ୍ପର୍ଯ୍ୟ ସଂପର୍କରେ ଅଧ୍ୟାପକ ମିଶ୍ର ଯେଉଁ ଭିନ୍ନ ଲୌକିକ କାରଣଟି ଉପସ୍ଥାପନା କରିଛନ୍ତି, ମନେହୁଏ ତାହା ଅନେକାଂଶରେ ଅବଧାରଣୀୟ। ଦାରୁବିଗ୍ରହଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଜଳ ସ୍ନାନ ବା ଅଭିଷିକ୍ତ କରାଇବା ପରେ ଜଳଧୌତ ଅସୁନ୍ଦର ଦିଶୁଥିବା ଚିତ୍ରିତ ବିଗ୍ରହଙ୍କୁ ଯେଭଳି, ଏକ ଦର୍ଶନୀୟ ମନମୁଗ୍ଧକର ବେଶରେ ବିମଣ୍ଡିତ କରାଯାଇଛି, ତାହାହିଁ ହୁଏତ ଗଜାନନ ବା ହସ୍ତୀବେଶ। ଡକ୍ଟର ମହତାବ ଜଗନ୍ନାଥଙ୍କ ସ୍ନାନ ଉତ୍ସବକୁ ବୌଦ୍ଧ ଚେତନା ରୂପେ ଦର୍ଶାଇଛନ୍ତି।

ତାଙ୍କ ଦୃଷ୍ଟିରେ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ବେଶ୍ ସମସ୍ତଙ୍କୁ ଆକୃଷ୍ଟ କରେ। ପୂର୍ଣ୍ଣିମାର ପ୍ରଭାତ କାଳରେ ବିଗ୍ରହମାନଙ୍କୁ ପାରମ୍ପାରିକ ରୀତିରେ ମହାସମାରୋହ ସ୍ନାନ ମଞ୍ଚକୁ ଅଣାଯାଏ। ଯାହାକୁ ପହଣ୍ଡି କହିନ୍ତି। ଏହି ପହଣ୍ଡି ବିଜେ ଦୁଇ ପ୍ରକାର ଯଥା ଧାଡ଼ି ପହଣ୍ଡି ଓ ଅନ୍ୟଟି ଗୋଟି ପହଣ୍ଡି। ଧାଡ଼ି ପହଣ୍ଡିରେ ଦେବତାମାନେ ଜଣକ ପରେ ଜଣେ ଏକତ୍ର ବିଜେ ହେଉଥିବା ବେଳେ, ଗୋଟି ପହଣ୍ଡିରେ ଗୋଟିଏ ଦେବତା ଯଥା ସ୍ଥାନରେ ପହଞ୍ଚିବା ପରେ ଅନ୍ୟ ଦେବଦେବୀଙ୍କୁ ତାଙ୍କ ତାଙ୍କ ସ୍ଥାନରୁ ଅଣାଯାଏ। ସେମାନଙ୍କୁ ବହୁବିଧଉପଚାର ମିଶ୍ରିତ ନିର୍ଦ୍ଧାରିତ କୂପଜଳରେ ସ୍ନାନ କରାଯାଏ। ତା'ପରେ ବେଶ ବିନ୍ୟାସରେ ପ୍ରଭୁଙ୍କ ନିକଟରେ ଯଥା ବିଧି ଉପାସନା, ହୋମ, ନୈବେଦ୍ୟାଦି କରାଯାଏ।

ରାତିର ବିଳମ୍ବିତ ପ୍ରହରରେ ତିନିଠାକୁରଙ୍କ ସାମ୍ବତ୍ସରିକ କୃତ୍ୟ ଏକାଦି କ୍ରମେ ଲିପି ରହେ। ହଜାର ହଜାର ସଂଖ୍ୟାରେ ଦର୍ଶକ ଦର୍ଶନ କରିବାର ସୁଯୋଗ ପାଆନ୍ତି। ସେ ଷାଠିଏ ପଉଟି ନୈବେଦ୍ୟ ଗ୍ରାହୀ, ଅବର୍ଣ୍ଣନୀୟ ସେବା ପୂଜାର ଅଧିକାରୀ, ଅସାଧାରଣ ଶକ୍ତିର ପ୍ରତୀକ। ତେଣୁ ସେହି ଅଲୌକିକ ଦେବ ବିଗ୍ରହଙ୍କୁ ଦର୍ଶନ କରିବା ଭକ୍ତ ହୃଦୟର ଏକ ଅବାରିତ ଆକାଂକ୍ଷା, ସାଧରଣ ସକଳ ନରନାରୀ ପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥାନ୍ତି। ଗୁହାରୀ ଶୁଣିବା ପାଇଁ ଦୁଃଖୀ ଦୁଃଖ ମୋଚନ କରିବା ପାଇଁ ତଥା ପାପୀ ପାପ ପ୍ରକ୍ଷାଳନ ପାଇଁ ପ୍ରତ୍ୟକ୍ଷ ଦର୍ଶନ ଦେବାଦୃଷ୍ଟିରୁ କରୁଣାମୟ ଭକ୍ତ ଭାବଗ୍ରହୀ ପ୍ରଭୁଙ୍କର ଏହା ଏକ ମନୋରମ ଯାତ୍ରା। ମନେହୁଏ ରଥଯାତ୍ରାର ହୁଏତ ଏହା ଏକ ପ୍ରାକ୍ ପର୍ବ। ଏସବୁ ସତ୍ତ୍ୱେ ସ୍ନାନ ଯାତ୍ରାରେ ଆର୍ଯ୍ୟେତର ଉପଚାର ଓ ଶବର ସଂସ୍କୃତିର ନିଦର୍ଶନ ବୋଲି କଦାପି ଅସ୍ୱୀକାର କରିହେବ ନାହିଁ।

ଶ୍ରୀଜଗନ୍ନାଥ ହେଉଛନ୍ତି କାଳରୂପୀ ଦେବତା। ବିଶେଷ କରି ପ୍ରାଚୀନ ସମ୍ମୁଖୀ ସମୟର କାଳକୁ ସେ ଦମନ କରି ନବୀନ ଶୁଭଙ୍କର ସମୟ କାଳର ସଂକେତ ଭାବେ ସ୍ନାନ ପୂର୍ଣ୍ଣିମାରେ ଆର୍ବିଭୂତ ହୋଇଛନ୍ତି। ସେହି ଦୃଷ୍ଟିରୁ ବର୍ଷା ଋତୁର ସମ୍ବତ୍ସର ଗଣନା ରୀତିରେ ବା ବର୍ଷାର ବର୍ଷ ହିସାବ ଧାରାରେ ଜଗନ୍ନାଥଙ୍କୁ ଏଠାରେ ଜଗନ୍ନାଥଙ୍କ ସଂଶ୍ଳିଷ୍ଟ କରାଯାଇଥିବା ଗବେଷକମାନଙ୍କ ମତ। ସେ ନବ ବର୍ଷର ବା ନୂତନ କାଳର ଦ୍ୟୋତକ ରୂପେ ସ୍ନାନ ଉତ୍ସବରେ ଅଧିଷ୍ଠିତ। ଏପରିକି ତାଙ୍କର ସ୍ନାନ ଯାତ୍ରା ପ୍ରାଚୀନର ବିଦାୟ ଓ ନବୀନର ଆଗମନୀ ସୂଚକର ପ୍ରତୀକ ପର୍ବ ବୋଲି ଧରାଯାଏ। ତେଣୁ ଜଗନ୍ନାଥ କାଳ, ଜଗନ୍ନାଥ ସମ୍ବତ୍ସର ବା ଦେବ କାଳର ସଂକେତିକ ପର୍ବ ହେଉଛି ସ୍ନାନ ଯାତ୍ରା ବା ସ୍ନାନ ପର୍ବ।

ଆମ ଦେଶରେ ବର୍ଷା ଋତୁରୁ ବର୍ଷ ଗଣଣା ରୀତିରେ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଉଛି। ସେ ନବ ବର୍ଷ କାଳର ଦ୍ୟୋତକ। ଏହି ବର୍ଷ ଶବ୍ଦର ବ୍ୟୁତ୍ପତ୍ତି କ୍ରମରେ ବର୍ଷାର ତାତ୍ପର୍ଯ୍ୟ ନିହିତ। ତେଣୁ ଉତ୍କଳୀୟ ପରମ୍ପରାରେ ଏପରି ଅନୁସରଣ ଆଦୌ ବିଚିତ୍ର ନୁହେଁ। ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ସ୍ନାନ ଉତ୍ସବରେ ଜଗନ୍ନାଥଙ୍କ ଗଜାନନ ବେଶ ହିନ୍ଦୁ ପରଂପରାର ସ୍ମାରକୀ। ପଞ୍ଚୋପସାନା ରୀତିରେ ଶ୍ରୀଗଣେଶ ସକଳ ମାଙ୍ଗଳିକ କୃତ୍ୟ ଓ ଉପାସନା ବିଧିର ଅଗ୍ରଦେବ ଭାବେ ପୂଜିତ। ସେ ବିଘ୍ନ ବିନାଶକ। ସେଭଳି ସାମ୍ବତ୍ସାରିକ ଉତ୍ସବ ଆରମ୍ଭରେ ଜଗନ୍ନାଥ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଭାବେ ଗଜାନନ ବେଶ ଧାରଣା କରିବା ସ୍ୱଭାବିକ ମନେହୁଏ। ଆଚାର୍ଯ୍ୟ ଯୋଗେଶ ଚନ୍ଦ୍ରଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ଯାତ୍ରା ସୌର ମଣ୍ଡଳୀୟ ଚେତନା ସଂଭୂତ ଲୌକିକ ଉତ୍ସବର ନିଦର୍ଶନ। ଏହାର ପୃଷ୍ଠ ଭୂମିରେ ମହାବିଷୁବ ଚେତନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ ଆକାଶରେ ସ୍ୱର୍ଗ ଗଙ୍ଗାର ଆବିର୍ଭାବ ହେଲେ ଜଗନ୍ନାଥଙ୍କ ସ୍ନାନ ଉତ୍ସବ ଆରମ୍ଭ ହୁଏ। ତେଣୁ ଲୋକକଥାନୁସାରେ ଦେବତାଙ୍କ ବିଷ୍ଣୁ ଗଙ୍ଗା, ସ୍ୱର୍ଗଗଙ୍ଗା ସ୍ନାନର ପରିଚୟ ପ୍ରଦାନ କରେ। ବାସ୍ତବରେ ଜ୍ୟେଷ୍ଠ ପୂର୍ଣ୍ଣିମା ଯଦି ପ୍ରାଚୀନ ଓ ନବୀନ ସମ୍ବତ୍ସର ସନ୍ଧିକ୍ଷଣ ହୁଏ, ତେବେ ପବିତ୍ର ସ୍ନାନ ଓ ଦେବାରଧନା ସେହି ରୀତିରେ ବିଗତ ବର୍ଷର ଅଶୁଭ ଅମଙ୍ଗଳ ଓ ପାପ ରାଶି ଖଣ୍ଡନକାରୀ। ପ୍ରକାରନ୍ତରେ ନବାଗତ ପାଇଁ ତାହା ଶୁଭଙ୍କର ହୁଏ।

ପାରମ୍ପରିକ ରୀତିରେ ଜଗନ୍ନାଥ ହେଉଛନ୍ତି ସାର୍ବଜନୀନ ସ୍ୱୀକୃତି ମଙ୍ଗଳମୟ ଓ ପୂଣ୍ୟ ପ୍ରଦାନକାରୀ। ଅନୁରୂପ ଲୌକିକ ଚେତନା ଜଗନ୍ନାଥଙ୍କୁ ସ୍ପର୍ଶ କରିବା ବିଚିତ୍ର ନୁହେଁ। କାରଣ ଜଗନ୍ନାଥ ମଧ୍ୟଜନତାର ପ୍ରତିନିଧି। ସେ ଉଭୟ ଦେବତା ଓ ମାନ୍ଧ। ଯୋଗେଶ ଚନ୍ଦ୍ର ନିର୍ଦ୍ଧାରଣ କରିଛନ୍ତି ଜ୍ୟେଷ୍ଠ ମାସର ଶୁକ୍ଳ ଦଶମୀ ଶାସ୍ତ୍ର ପୃଷ୍ଠାରେ ଦଶହରା ବା ଗଂଗା ଦଶହରା ପର୍ବର ପରିଚୟ ବହନ କରିଥାଏ। ଭାରତୀୟ ଲୋକ ପରମ୍ପରାରେ ଏହା ଅନୁସୃତ ହୁଏ। ଦଶମୀଠାରୁ ବିଷୁବ ପରି ନବବର୍ଷରେ ପଶିଲେ ଜ୍ୟେଷ୍ଠ ପୂର୍ଣ୍ଣିମା ହେଉଛି ଷଷ୍ଠ ଦିବସ। ଫଳରେ ବର୍ଷା ଆରମ୍ଭରେ ଷଷ୍ଠୀ ପୂଜା ପାଇଁ ଶୁଭ ଅନୁକୂଳ। ଓଡ଼ିଶାର କେତେକ ସ୍ଥାନରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ପିଲାମାନଙ୍କ ପାଇଁ ନବବର୍ଷ ପାଳନରେ ନୂତନ ପୋଷାକ ପିନ୍ଧାଇ ପିଠା ପଣା କରାଯାଇ ସେମାନଙ୍କୁ ଖାଇବାକୁ ଦିଆଯାଏ। ଠାକୁରଙ୍କ ଭୋଗ ଲଗାଯାଏ। ଏହା ହୁଏତ ମାର୍ଗଶୀର ମାସରେ ପାଳିତ ପ୍ରଥମାଷ୍ଟମୀ ପୂର୍ବ ଅନୁଚ୍ଛ ପର୍ବ, ସେଦିନ ପିଲାମାନଙ୍କ ପ୍ରତିରକ୍ଷା କୃତ୍ୟ ଆଚରିତ ହୋଇ ସେମାନଙ୍କୁ ନବବସ୍ତ୍ର ଭୂଷଣ ମିଣ୍ଡିତ କରାଯାଏ। ସ୍ୱତନ୍ତ୍ର ସୁସ୍ୱାଦୁ ଖାଦ୍ୟ ଦ୍ରବ୍ୟ ଷଷ୍ଠୀ ଦେବୀଙ୍କୁ ନୈବେଦ୍ୟ ରୂପେ ଅର୍ପିତ ହୋଇ ପିଲାମାନଙ୍କୁ ଦିଆଯାଏ। ଏପରିକି ବିଭିନ୍ନ ସ୍ଥାନରେ ଜ୍ୟେଷ୍ଠ-ପୂର୍ଣ୍ଣମୀରେ ନବବର୍ଷପରି ପରମ୍ପରା ଦେଖିବାକୁ ମିଳେ। ପରିବାରରେ ପିଠା ପଣା ଭୋଜିଭାତ ହୁଏ, ସମସ୍ତେ ନୂଆ ଲୁଗା ପରିଧାନ କରିଥାନ୍ତି। ସକଳେ ଦେବତାଙ୍କୁ ପୂଜା ଆରାଧନା କରନ୍ତି। ସମ୍ଭବତଃ ଶାସ୍ତ୍ରୀୟ ମତରେ ଏକ ମାନବ ସମାଜରୁ ଦେବତା ସ୍ତରରୁ ସଂପ୍ରସାରିତ ହୋଇ ଉତ୍କଳୀୟ ଶ୍ରୀଜଗନ୍ନାଥଙ୍କ ସ୍ନାନ ପର୍ବ ଦେବସ୍ନାନ ଯାତ୍ରାରେ ରୂପାନ୍ତରିତ ହୋଇଅଛି।



ତେଣୁ ବାସ୍ତବରେ ନିଷ୍କର୍ଷରେ କେବଳ ଏତିକି କୁହାଯାଇପାରେ ଦେବସ୍ନାନ ପରେ ସ୍ନାନ ମଣ୍ଡପରେ ତିନି ଠାକୁରଙ୍କ ଗଜାନନ ବେଶ ବେଶ୍ ଜନାଦୃତ ଭକ୍ତ ହୃଦୟର ଭକ୍ତି ଭାବନାର ନୈବେଦ୍ୟ ଉତ୍ସ ଧାରଣରେ କବି ତ୍ରିଲୋଚନ ଦାସ ଉଲ୍ଲେଖ କରିଛନ୍ତି - 'ଗଭର ସଂନ୍ଦର ହାଥୁଣୀ ଉପମା ନାହିଁ / ଗଭର ଆଗରେ ଧଳା ହାଥୀ ଚଳଇ / ଗେଲେ କାଳିଆ ହାଥୀ ଗିରି ଶିଖୁ ଲେଉଟି/ ଗହଣେ ସୁନ୍ଦର ହାଥୀ ଗୁପତ ସେଟି'...!!!


ଉ ଅଧକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫


# ଇଣ୍ଡିଆ ସମ୍ମୁଖରେ କର୍ତବ୍ୟ



## ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ଦୀର୍ଘ ଏକ ଦଶନ୍ଧି ପରେ ୨୦୨୪ ନିର୍ବାଚନ ଫଳାଫଳ ତଥା ଅଷ୍ଟାଦଶ ଲୋକସଭା ବିଗତ ଷୋଡଶ ଏବଂ ସପ୍ତଦଶ ଲୋକସଭା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅଷ୍ଟାଦଶ ଲୋକସଭାରେ ବିରୋଧି 'ଇଣ୍ଡିଆ' ମେଂଟ ଶକ୍ତିଶାଳୀ ହେବା ସହ ଶାସକ ମେଂଟକୁ ଗଠନମୂଳକ ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ୍ୟ ହେବ, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୫୪୩ ଜଣିଆ ସଦସ୍ୟ ବିଶିଷ୍ଟ ଲୋକସଭାରେ ବିରୋଧୀ ମେଂଟ ଇଣ୍ଡିଆର ୨୩୪ ଜଣ ସଦସ୍ୟ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ କେବଳ କଂଗ୍ରେସର ୯୯ଜଣ ସାଂସଦ ଅଛନ୍ତି। ଜଣେ ବିଦ୍ରୋହୀ ପ୍ରାର୍ଥୀ ବିଜୟୀ ହେବା ପରେ ପୁନର୍ବାର ଦଳରେ ସାମିଲ ହେବା ଯୋଗୁଁ ଦେଶର ସର୍ବ ପୁରାତନ ରାଜନୈତିକ ଦଳର ସଂଖ୍ୟା ତିନି ଅଙ୍କ ସ୍ପର୍ଶ କରିଛି। କହିବା ବାହୁଲ୍ୟ ଗତ ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଂଟର ଆଶାତୀତ ସଫଳତା ହାସଲ କରିଥିବାବେଳେ କେବଳ ବିରୋଧି ଦଳଗୁଡିକୁ ନୁହଁନ୍ତି, ଦେଶରେ ପାଂଚ ଦଶନ୍ଧି ଧରି କ୍ଷମତାରେ ଥିବା କଂଗ୍ରେସ ନିଜର ସତା ହରାଇଥିଲେ। କଂଗ୍ରେସର ସ୍ଥିତି ଏବେ ନିମ୍ନଗାମୀ ହୋଇଯାଇଥିଲା ଯେ, ବିରୋଧି ଦଳର ମାନ୍ୟତା ପାଇବାରୁ ବଂଚିତ ହୋଇଥିଲା। କିନ୍ତୁ ଏଥର ସ୍ଥିତି ବଦଳି ଯାଇଛି। କଂଗ୍ରେସ ଏକ ଦୃଢ ବିରୋଧିଦଳ ଭାବେ ଗୃହରେ ଉଭା ହୋଇଛି। ଯାହାର ପରିଣତି ସ୍ୱରୁପ ଏଥର ପାର୍ଲିଆମେଂଟର ଆଇନ ପ୍ରଣୟନ ଏବଂ ଆଲୋଚନା କ୍ଷେତ୍ରରେ ଅତ୍ୟନ୍ତ ଫଳପ୍ରଦ ହେବା ଆଶା ଉଜ୍ଜୀବତ କରିଛି ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ, ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିରୋଧି ଦଳଗୁଡିକ ଆପୋଷ ବୁଝାମଣା ଭିତିରେ ନିର୍ବାଚନ ଲଢି ଯେଭଳି ସଫଳତା ହାସଲ କରିବାରେ ସମର୍ଥ ହୋଇଛନ୍ତି, ମେଂଟକୁ କେବଳ ସଂସଦ ଭିତରେ ନୁହେଁ, ବାହାରେ ଏକ ସ୍ପଷ୍ଟ ନୀତି, ଆଦର୍ଶରେ ମେଂଟ ରୂପାନ୍ତରୀତ ହେବା ପାଇଁ ସୁଯୋଗ ଆଣିଦେଇଛି। ଏହା ସତ୍ୟ ଯେ, ଦୀର୍ଘଦିନରୁ ଇଣ୍ଡିଆ ନାମରେ ମେଂଟ ଗଠନ ପାଇଁ ୨୬ଟି ବିରୋଧି ଦଳ ପ୍ରୟାସ ଜାରି ରଖିଥିବା ସତ୍ୱେ ଅହଙ୍କାର ଏବଂ ବୁଝାମଣା ଅଭାବରେ ଶେଷ ମୁହୁର୍ତରେ କେତେକ ରାଜ୍ୟରେ କେବଳ ଆସନ ବୁଝାମଣା ଭିତିରେ କେତେକ ଅଂଶୀଦାର ଦଳ ନିର୍ବାଚନ ଲଢିଥିବାବେଳେ କେତେକ ରାଜ୍ୟରେ ପରସ୍ପର ବିରୁଦ୍ଧରେ ଲଢିଥିଲେ। ପଞ୍ଜାବ, ପଶ୍ଚିମବଙ୍ଗରେ ବିରୋଧରେ ଲଢିଥିବାବେଳେ ଏବେ ଅତି ଆଶ୍ଚର୍ଯ୍ୟଜନକ ଭାବେ ଇଣ୍ଡିଆ'ର ଛତ୍ରଛାୟା ତଳେ ଏକତ୍ରିତ ହୋଇଛନ୍ତି। ଅନ୍ୟପକ୍ଷରେ ଦେଶ ସ୍ୱାଧୀନତା ପରଠାରୁ ସାଧାରଣ ନିର୍ବାଚନରେ ସର୍ବଦା ତ୍ରୁଟିପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଥିବା ଉତରପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନରେ ବିରୋଧି ଦଳଗୁଡିକ କମନ ନିର୍ବାଚନ ଇସ୍ତାହାର କିମ୍ବା ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ବିନା ଯେଁଭଳି ଆଶାତୀତ ସଫଳତା ମିଳିଛି, ତାହା ନିର୍ବାଚନ ପରବର୍ତୀ ଅବସ୍ଥାରେ ସେମାନଙ୍କୁ ଅଧିକ ନିକଟତର, ସକ୍ରୀୟ ଓ ଶକ୍ତ କରିଥିବା ମନେହୁଏ। ଉଲ୍ଲେଖ କରାଯାଇପାରେ ଚଳିତ ନିର୍ବାଚନରେ ବିଜେପି ଏବଂ ଇଣ୍ଡିଆ ମେଂଟ ମୋଦୀ ଗ୍ୟାରେଂଟି'କୁ ପାଥେୟ କରି ନିର୍ବାଚନ ଲଢିଥିବାବେଳେ ଇଣ୍ଡିଆ ଭୁକ୍ତ ବିରୋଧି ଦଳଗୁଡିକ ଦରଦାମ, ବେରୋଜଗାରୀ ଏବଂ ସମ୍ବିଧାନରେ ନାଗରିକଙ୍କୁ ପ୍ରଦତ ଅଧିକାରର ସୁରକ୍ଷା ନେଇ ନିର୍ବାଚନ ଲଢିଥିଲେ। ମୋଦୀ ଗ୍ୟାରେଂଟି ତୁଳନାରେ ଦରଦମା, ବେରୋଜଗାରୀ, ସମ୍ବିଧାନର ସୁରକ୍ଷା ମହାରାଷ୍ଟ୍ର। ଉତରପ୍ରଦେଶ ଓ ରାଜସ୍ଥାନରେ ବେଶ ପ୍ରଭାବୀ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୮୮ଜଣିଆ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର ନିର୍ବାଚନ ଆସନ୍ତା ଅକ୍ଟୋବର ମାସରେ ହେବାକୁ ଯାଉଛି। ମହାରାଷ୍ଟ୍ରର ୪୮ ଲୋକସଭା ସଦସ୍ୟଙ୍କ ମଧ୍ୟରୁ ଶିବସେନା(ଉଦ୍ଧବ), ଏନସିପି(ଶରଦ ପାୱାର) ଗୋଷ୍ଠୀ ଏବଂ କଂଗ୍ରେସ ୩୦ଟି ଆସନ ହାତେଇଥିବାବେଳେ ବିଜେପି ୯ଟି, ଶିବସେନା ସିନ୍ଧେ ୭ଟି ଓ ଏନସିପି(ଅଜିତ) ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ଇତିମଧ୍ୟରେ କେନ୍ଦ୍ରରେ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱରେ ମେଂଟ ସରକାର କ୍ଷମତାସୀନ ହୋଇଛି। ରାହୁଲ ଗାନ୍ଧୀ ଲୋକସଭାର ବିରୋଧି ଦଳ ନେତା ହେବା ନିଶ୍ଚିତ ଆହୁରି ମଧ୍ୟ ଆସନ୍ତା ଜୁଲାଇ ମାସରୁ ଲୋକସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସଂସଦରେ ବିରୋଧି ଇଣ୍ଡିଆ ସୁଚିନ୍ତିତ ରଣକୌଶଳ ସହ ଗଠନମୂଳକ ଆଭିମୁଖ୍ୟ ନେଇ ଅଧିବେଶନକୁ ଶତପ୍ରତିଶତ ଫଳପ୍ରଦ କରିବା ଦେଶବାସୀ ଆଶା କରନ୍ତି।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯




## ହାତୀବେଶ

### ଜଗଦୀଶ ସାହୁ

ତୁଳସୀ ତୁଳସୀ ଶ୍ରୀକ୍ଷେତ୍ର ବାସେ
ଧାଡି ପହଣ୍ଡିରେ କାଳିଆ ଆସେ
ମୁରୁକି ହସେ
ଟାହିଆ ଭିଡ଼ିକି ସୁନ୍ଦର ଦିଶେ ।
ସିନାନ ମଣ୍ଡପ କୋଳରେ ବସି
ସିନାନ କରିବେ ଶ୍ରୀକ୍ଷେତ୍ର ଶଶୀ
ଜଗତବାସି
ସ୍ନାନଯାତ୍ରା ଦେଖି ହୋଇବେ ଖୁସି।
ଭାବକୁ ନିକଟ ଅଭାବେ ଦୂର
ମାନ ରଖି ଗଣପତି ଭଟ୍ଟର
କଳାଠାକୁର
ହାତୀବେଶ ଶୋଭା କେଡେ
ସୁନ୍ଦର ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ସ୍ନାନ ପୂର୍ଣ୍ଣିମା

### ନିରଞ୍ଜନ ସାହୁ

ଜ୍ୟେଷ୍ଠ ମାସ ଅନ୍ତେ ପୂର୍ଣ୍ଣିମା
ଆସନ୍ତେ
ସ୍ନାନ ପୂର୍ଣ୍ଣିମାର ନାମେ
ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଯାତ୍ରା ହୁଏ
ପବିତ୍ର ଶ୍ରୀକ୍ଷେତ୍ର ଧାମେ ।

ପ୍ରତିଦିନ ବିମ୍ବ ସ୍ନାନ ହୋଇଥାଏ
ଏକଥା ସଭିଙ୍କୁ ଜଣା
ଶ୍ରୀମନ୍ଦିରେ ରକ୍ତଛିଟା , ମଳମୂତ୍ରେ
ସ୍ନାନ ମହାସ୍ନାନେ ଗଣା

ସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ
ପୂର୍ଣ୍ଣ ସ୍ନାନ ଜାଣୁ ଆମେ ।

ଶୀତଳା ଦେବୀଙ୍କ ସାମ୍ନା ସୁନାକୂଅ
ଢାଙ୍କୁଣୀକୁ ଖୋଲାଯାଏ
ଶହେ ଆଠ ଗରା ଜଳ
କଢ଼ାହୋଇ
ପୂର୍ବ ଦିନ ରହିଥାଏ
ଜଳ ସୁବାସିତ କିପରି ହୋଇବ
ଲାଗନ୍ତି ସେବକେ କାମେ ।

ସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ
ସେହି ଜଳ ଲାଗି ହୁଏ
ସୁବାସିତ ଜଳ ଚତୁର୍ଦ୍ଧାମୂର୍ତ୍ତିଙ୍କ
ସର୍ବାଙ୍ଗ ଶରୀର ଧୁଏ
ସେହିଠାରେ ଗଣପତି ବେଶ ହୁଏ
ଗଣପତି ଭଟ୍ଟ ପ୍ରେମେ ।

ଅତ୍ୟଧିକ ସ୍ନାନ ହେତୁ ଦିଅଁଙ୍କର
ଶରୀରରେ ଆସେ ଜ୍ୱର
ସ୍ନାନ ମଣ୍ଡପରୁ ଦିଅଁ ଯାଇଥାନ୍ତି
ଯହିଁ ଅଣସର ଘର
ଗୁପ୍ତ ପୂଜାବିଧି ମତ ଅନୁଯାୟୀ
ଦୈତାପତି ତହିଁ ଗମେ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩



# ମାଙ୍କଡ଼ ଛୁଆ ଚିମ୍ପୁ

## ସନ୍ତୋଷ କୁମାର ଅଦାବର



ଗୋଟିଏ ବିରାଟକାୟ ଝଙ୍କାଳିଆ ବରଗଛରେ ମାଙ୍କଡ଼ଟିଏ ତା'ର ଛୁଆ ସହ ରହୁଥିଲା । ମାଆ ପୁଅ ବେଶ୍ ଖୁସିରେ ରହୁଥା'ନ୍ତି । ମାଆ ଖୁସିରେ ତା'ର ନାମ ଦେଇଥାଏ ଚିମ୍ପୁ । ଚିମ୍ପୁକୁ ମାଆ ମାଙ୍କଡ଼ଟି ଡେଇଁବା, ଗଛକୁ ଚଢ଼ିବା, କୁଦା ମାରିବାଠାରୁ ଆରମ୍ଭ କରି ଡାଳରୁ ଡାଳକୁ ଡେଇଁବା ଶିଖେଇ ଦେଇଛି । ମାଆ ପୁଅ ମିଶିକି ନିଜ ନିଜର ଖାଇବା ସଂଗ୍ରହ କରି ଖାଇଥା'ନ୍ତି । ଚିମ୍ପୁ ବେଳେ ବେଳେ ମାଆ ସାଙ୍ଗରେ ଅଳି ଅଝଟ କରି ଲାଗିଥାଏ । ମାଆ ମାଙ୍କଡ଼ଟି ପୁଅକୁ ସବୁବେଳେ ଠିକ୍ ଉପଦେଶ ଦେଇ ଭଲ ରାସ୍ତାକୁ ଆଣିବାକୁ ଚେଷ୍ଟାକରେ ।

ସେହି ବିରାଟକାୟ ବରଗଛରେ ରହୁଥା'ନ୍ତି ଆହୁରି କିଛି ମାଙ୍କଡ଼ । ସେ ମାଙ୍କଡ଼ମାନଙ୍କ ମଧ୍ୟରେ ଥାଏ ଆଉ ଗୋଟିଏ ସୁନ୍ଦର ଶିଶୁ ମାଙ୍କଡ଼ । ତା'ର ମାଆ ତାକୁ ସବୁବେଳେ ପାଖେ ପାଖେ ରଖିଥାଏ । କାରଣ ଶିଶୁ ମାଙ୍କଡ଼ଟି ତାଙ୍କ ମାଙ୍କଡ଼ ଜାତିର ଡିଆଁଡେଇଁ ଆଦି ବିଷୟରେ ସେତେ କିଛି ଜାଣି ନ ଥାଏ । ଦିନେ ସେ ବରଗଛର ଗୋଟିଏ ଡାଳ ଉପରକୁ ଚଢ଼ିବାକୁ ବାରମ୍ବାର ଚେଷ୍ଟା କରୁଥାଏ, କିନ୍ତୁ ଖସି ପଡୁଥାଏ । ଏହା ଦେଖି ଚିମ୍ପୁ ଜୋରରେ ହସୁଥାଏ । ଚିମ୍ପୁର ହସର କାରଣ ତା ମାଆ ପଚାରିବାରୁ ଚିମ୍ପୁ କହିଲା- ଦେଖ ମାଆ । ସେ ଛୁଆ ମାଙ୍କଡ଼ଟି ମୋ ଭଳି ଉପରକୁ ଚଢ଼ି ପାରୁ ନାହିଁ । ହାଃ...ହାଃ...ହାଃ...!! ଏହା ଶୁଣି ତା' ମାଆ ଚିମ୍ପୁକୁ କହିଲା- ସେ ଛୁଆ ମାଙ୍କଡ଼ଟି ଛୋଟ ଅଛି । ଧିରେ ଧିରେ ବଡ଼ ହେଲେ ସେ ଡେଇଁବା, କୁଦିବା, ଚଢ଼ିବା ଶିଖିକି ଜାଣି ପାରିବ । ତୁ ମଧ୍ୟ ତା'ରି ବୟସର ଥିଲା ବେଳେ ଚଢ଼ି ପାରୁ ନ ଥିଲୁ । ଏସବୁ ଶୁଣିଲା ପରେ ବି ଚିମ୍ପୁକୁ ହସ ମାଡୁଥାଏ ।

କିଛି ଦିନ ପରେ ଛୁଆ ମାଙ୍କଡ଼ଟି ଡେଇଁବା, କୁଦିବା, ଚଢ଼ିବା ଆଦି ଜାଣିପାରିଲା । ଦିନେ ଚିମ୍ପୁ ସେହି ମାଙ୍କଡ଼ ଛୁଆ ସହ ଖେଳୁଥାଏ । ଉଭୟଙ୍କର ମାଆ ତାଙ୍କର ପାଖରେ ନ ଥା'ନ୍ତି । ଏହି ସମୟରେ ଏକ ଭୟଙ୍କର ଶବ୍ଦ ହୋଇ ବରଗଛର ଗୋଟିଏ ଡାଳ ଭାଙ୍ଗି ପଡ଼ିଲା । ଚିମ୍ପୁ ଏବଂ ସେ ମାଙ୍କଡ଼ ଛୁଆ ଦୁହେଁ ଭୟରେ ସେ ବରଗଛରେ ଥିବା ଏକ କୋରଡ଼କୁ ପଶି ଯିବାକୁ ଚେଷ୍ଟାକଲେ । ଗଛ କୋରଡ଼ଟିର ଛୋଟ ବାଟ ହୋଇଥିବାରୁ ଚିମ୍ପୁ ପଶି ପାରିଲା ନାହିଁ । କିଛି ବିଶେଷ ଘଟଣା ନ ଥିବା ଜାଣି କିଛି ସମୟ ପରେ ଚିମ୍ପୁ ସେ ମାଙ୍କଡ଼ ଛୁଆଟିକୁ କୋରଡ଼ରୁ ବାହାରି ଆସିବାକୁ କହିଲା । ମାଙ୍କଡ଼ ଛୁଆଟି ସେ ଭିତରୁ ବାହାରି ଆସିଲା ଏବଂ ସେ ଦୁହେଁ ପୁଣି ଖେଳରେ ମାତିଲେ ।

କିଛି ସମୟ ପରେ ଚିମ୍ପୁର ମାଆ ଫେରିବା ପରେ ଚିମ୍ପୁ ସେ ଦିନର ସବୁ ଘଟଣା କହିଲା ତା' ମାଆକୁ । ସେ ଗଛ କୋରଡ଼କୁ ପଶି ପାରିଲା ନି ବୋଲି କହିବାରୁ ମାଆ ବୁଝାଇଦେଲା- ବୁଝିଲୁ ଚିମ୍ପୁ, ତୁ ସେଦିନ ସେ ମାଙ୍କଡ଼ ଛୁଆକୁ ଉପରକୁ ଚଢ଼ି ପାରୁନି ବୋଲି ହସୁଥିଲୁ; କିନ୍ତୁ ତୁ ନିଜେ ଆଜି ସେ ଗଛ କୋରଡ଼କୁ ପଶି ପାରିଲୁ ନାହିଁ । ସେ ଛୋଟ ଥିବାରୁ ଛୋଟିଆ ବାଟରେ ପଶି ପାରିଲା । ଯେଉଁ କାମ ଜଣକ ଦ୍ୱାରା ହୁଏ, ସେ କାମ ହୁଏତ ଆଉ କାହା ଦ୍ୱାରା ହୋଇ ନ ପାରେ । ଆମେ ଯେଉଁ କାମ କରି ନ ପାରୁ, ତାକୁ ଆଉ ଜଣେ ଅକ୍ଳେଶରେ କରିପାରେ । ଆଉ ଗୋଟିଏ କଥା, ନିଜ ଠୁ ବୟସରେ ସାନ ମାନଙ୍କୁ 'ଜାଣୁନି ପାରୁନି' କହି ହସିବା ଅନୁଚିତ । କାରଣ ଆମ ଠୁ ଯେଉଁମାନେ ବଡ଼ ସେମାନେ ଆମଠାରୁ ଅଧିକ ଦକ୍ଷ ଥାଆନ୍ତି । ଏଣୁ ସାନ ମାନଙ୍କୁ ସ୍ନେହ କରି ଶିଖାଅ ଏବଂ ବଡ଼ ମାନଙ୍କୁ ସମ୍ମାନ ଦେଇ ତାଙ୍କ ଠାରୁ ଭଲ ଜିନିଷ ଶିଖ । ଏ ସବୁ ଶୁଣି ସାରିବା ପରେ ଚିମ୍ପୁ ସବୁ ବୁଝି ପାରିବା ଢଙ୍ଗରେ ମୁରୁକି ହସି ମୁଣ୍ଡ ହଲାଇଲା ଏବଂ ହୁଃ ହୁଃ ଶବ୍ଦ କରି ମାଙ୍କଡ଼ ଛୁଆ ସହ ଖେଳିବା ପାଇଁ ତା' ପାଖକୁ ଗଲା ।


+ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ପାପାଙ୍କ ପ୍ରେରଣା



## ନଗେନ୍ଦ୍ର ନାଥ ପଟ୍ଟନାୟକ



'ପୁଅ ! ଆଜି ତୋ ସ୍କୁଲର ଫୁଟ୍‌ବଲ ମ୍ୟାଚ ହେଉଛି ନା !' ପାପା ଅଫିସ୍ ଯାଉ ଯାଉ ରୋହଣକୁ ପଚାରିଲେ । ରୋହଣ ଉଦାସ ମନରେ କହିଲା–'ହଁ ଯେ ପାପା ! ହେଲେ ମୁଁ ମ୍ୟାଚ୍ ଦେଖିବାରେ ମନ କରୁନି । 'କାଇଁକି ତୁ ମଧ ତୋ ସ୍କୁଲର ଖୁବ୍ ଭଲ ଫୁଟ୍‌ବଲ ଖେଳାଳୀ...ତୋ ଖେଳକୁ ନିଷ୍ଟେ ଦେଖିବା ଦରକାର।' ପାପା ତାକୁ ବୁଝାଇ କହିଲେ। 'ପାପା ! ମୁଁ ଯଦି ଖୁବ୍ ଭଲ ଫୁଟବଲ ଖେଳାଳୀ ମତେ ବଛାବଛା ଫୁଟବଲ ଖେଳାଳୀଙ୍କ ଦଳରେ ଚୟନ କରାଗଲାନି କାହିଁକି ?' ରୋହଣର ଏଇ ପ୍ରଶ୍ନର ଉତରରେ ପାପା କହିଲେ-'ରୋହଣ ! କି କଥା କହୁଛୁ ! ଚୟନ ଆଜି ନାହିଁ କାଲି ତ ହେବ ନା...ତୋର କାମ ହେଉଛି ଅଭ୍ୟାସ ଜାରି ରଖିବା' ପାପାଙ୍କ କଥା ପଦକ ଶୁଣି ରୋହଣ ଫୁଟବଲ୍ ମ୍ୟାଚ୍ ଦେଖିବାପାଇଁ ରାଜି ହୋଇଗଲା । ରୋହଣ ଓ ତା'ର କିଛିସାଙ୍ଗ ମ୍ୟାଚ୍ ଆରମ୍ଭ ହେବା ଆଗରୁ ପଡିଆରେ ପହଁଚିଗଲେ।

ସେତେବେଳେ ରୋହଣ ଦେଖିଲା ଦଳର କୋଚ୍ ସାର୍ ଗୋଟେ କଡରେ ଏକା ବସିଛନ୍ତି। ସେ ତାଙ୍କ ପାଖକୁ ଯାଇ କହିଲା –'ସାର ! ଆପଣ ଏଠି କଣ ଏକୁଟିଆ ବସିଚନ୍ତି ? ଆପଣଙ୍କ ଦେହପା ଠିକ୍‌ଠାକ୍ ଅଛି ନା !'

'ଦେହପା'ମୋର ରାଜୁ ବିଗାଡି ଦେଲା।' କୋଚ୍ କହିଲେ । 'କ'ଣ ହେଲା... ସାର'ରୋହଣ ପଚାରିଲା। ସେ କହିଲେ- 'ରୋହଣ ! କଥା କଣନା ରାଜୁକୁ ସିନା ଟିମ୍‌ରେ ସାମିଲ କରାଯାଇଥିଲ ।

ହେଲେ ଅଭ୍ୟାସ କରିବା ପାଇଁ ସେ କାଲି ବି ପଡିଆରେ ପହଁଚିଲା ନାଇଁ ।' 'ଏବେ କ'ଣ କରାଯିବ, ସାର !'

ରୋହଣ ପଚାରିଲା । କୋଚ୍ ସାର୍ କହିଲେ- 'ପୁଅ ! ସେ ଏବେ ସୁଦ୍ଧା ପଡିଆରେ ପହଁଚି ନାହିଁ। ବାଳକଟି ବଡ ବେପରୁଆ ।' ବହୁସମୟ ଧରି ଅପେକ୍ଷା କରିବା ପରେ କୋଚ୍ ସାର ରୋହଣକୁ କହିଲେ- 'ରୋହଣ ! ତମେ ଆଜି ରାଜୁ ଜାଗାରେ ସାମିଲ ହେଇ ଫୁଟବଲ ମ୍ୟାଚ୍ ଖେଳିବ ।' କ'ଣ କହୁଚନ୍ତି ସାର ମୁଁ... ମୁଁ ତ ଦଳରେ ଅତିରିକ୍ତ ଖେଳାଳୀ ଭାବେ ବି ସାମିଲ ହୋଇନି...।' ରୋହଣ ତାଜୁବ ହେଇ କହିଲା।

ସାର୍ ତୁଣ୍ଡରୁ ଏ କଥା ପଦକ ବାହାରିବା ମାତ୍ରେ ରୋହଣ ପ୍ରସ୍ତୁତିରେ ଜୁଟିଗଲା । ତା'ଖୁସୀ କହିଲେ ନ ସରେ। କୋଚ୍ ସାର ଶେଷ ତାଲିକା ମ୍ୟାଚ୍ ରେଫ୍‌ରୀ ହାତକୁ ବଢାଇ ଦେଲେ । ସେଥିରେ ରାଜୁ ଜାଗାରେ ରୋହଣର ନାମ ଥିଲା। ଟିକିଏ ପରେ ମ୍ୟାଚ୍ ଆରମ୍ଭ ହେଲା। ପ୍ରଥମ ପାଳିରେ ପବ୍ଲିକ୍ ସ୍କୁଲର ଦଳଙ୍କ ପଲା ଭାରି ଥିଲା, ହେଲେ ଯେତିକି ଯେତିକି ବେଗ ଦ୍ରୁତତର ହେଉଥିଲା ରୋହଣ ଦଳର ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ଲାଗୁଥିଲା । ରୋହଣ ଲଗାତର ଭାବେ ଦୁଇଟି ଗୋଲ୍ ଦେଇ ମ୍ୟାଚ୍‌ଟିକୁ ତା'ପକ୍ଷକୁ ନେଇ ଆସିଲା । ରୋହଣର କୈାଶଳପୂର୍ଣ୍ଣ ଖେଳ ଉପସ୍ଥିତ ସବୁରିଙ୍କ ମନକୁ ବେଶ୍ ଛୁଇଁଲା । କୋଚ୍ ସାରଙ୍କ ମୁହଁରେ ଖୁସୀର ଝଲକ୍ ପରିଷ୍କାର ଭାବେ ବାରି ହୋଇ ପଡିଥିଲା । ଶେଷକୁ ମ୍ୟାଚ୍ ଦୁଇ-ଶୂନ୍ ସ୍କୋରରେ ସମାପ୍ତ ହେଲା । ମ୍ୟାଚ୍ ଶେଷ ହେବା ମାତ୍ରେ ରୋହଣଙ୍କ ସାଙ୍ଗ ପଡିଆରେ ପହଁଚିଯାଇ ତାକୁ କାନ୍ଧକୁ ଉଠାଇ ବସାଇଲେ । ରୋହଣ

ଏବେ ସୁଦ୍ଧା ଏଇ ଖବର ତା'ବାପାଙ୍କୁ ଜଣେଇ ନଥିଲା । 'ହି ହି ହୁରେ...ହି ହି ହୁରେ ।' ଘର ବାହାର ପିଲାମାନଙ୍କ ସୋରଶବ୍ଦ ଶୁଣି ରୋହଣ ପାପା ପଦାକୁ ବାହାରି ଆସିଲେ। ସାଙ୍ଗରେ ତାଙ୍କ ମାମା।

ଟ୍ରଫି ସାଥିରେ ରୋହଣକୁ ଦେଖି ସେମାନେ ପଚାରିଲେ-'କଣ ତୋ ସ୍କୁଲର ମ୍ୟାଚ୍ ଜିତିଗଲୁ ?'

'ଆମେ ଖାଲି ମ୍ୟାଚ୍ ଜିତିନେ ତୁମ ରୋହଣ ସବୁରିଙ୍କ ହୃଦୟ ବି ଜିତିନେଇଛି ଅଙ୍କଲ ।' ତାର ଜଣେ ସାଙ୍ଗ ବଡପାଟିରେ କହିଲା।'ଆରେ ଇଏ ତ ଦଳରେ ନ ଥିଲ ।...ପୁଣି ଏ ଚମତ୍କାରିତା !' ପାପା ବିସ୍ମୟରେ ପଚାରିଲେ। ରୋହଣ ସବୁକଥା ତା' ପାପାଙ୍କୁ ବଖାଣିଲା ।

'ବାଃ-ବାଃ ! ରୋହଣ ତ କମାଲ୍ କରିଦେଲା।' ପାପା ମାମଙ୍କ ଆଡକୁ ଚାହିଁ କହିଲେ। 'ପାପା ! ଏସବୁ ହଁ ଆପଣଙ୍କ ପ୍ରେରଣାର ଚମତ୍କାରିତା । ଆପଣ ଯଦି ମତେ ମ୍ୟାଚ୍ ଦେଖିବାକୁ ପ୍ରେରିତ ନ କରିଥାନ୍ତେ ଆଜି ପୁଣି ମୋ ଜାଗାରେ ଆଉ କେହି ଖେଳିଥାନ୍ତା ।' ରୋହଣ ଆଖି ଲୁହରେ ଛଳଛଳ ହୋଇଗଲା। ଖାଲି ସେତିକି ନୁହେଁ, ପାପାଙ୍କ ଆଖିରେ ଲୁହରେ ଓଦା ହୋଇଗଲା । ସେ ସାଙ୍ଗେ ସାଙ୍ଗେ ତାକୁ କୁଣ୍ଢାଇ ପକାଇଲେ ...।


+ଓସ୍କାର ସିଟି, ଲେନ ନଂ-୯,
ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍ , ଭୁବନେଶ୍ୱର-୦୬
ମୋ-୯୪୩୮୩୩୨୧୩୮


## କବିତା ତୁମ ପାଇଁ

### ଆ 'ତୁ ହସି ପଡରେ ଖସି
#### ପ୍ରଶାନ୍ତ କୁମାର ଦାଶ

ଆ 'ତୁ ହସି ପଡରେ ଖସି
ସହି ହେଉନି ଖରା
ସକାଳୁ ସଞ୍ଜେ ଗୁଳୁ ମୁଳିରେ
ଦେହରେ ଝାଳଭରା ।
ଜଳି ଗଲାଣି ଗଛ ପତର
ଥୁଣ୍ଟା ତୋଟାର ଗଛ
ଭାବୁଚି ଚାଷୀ ଚାଷ କାମତ
ଏସନ ହେବ ପଛ, ।
ଟୁପୁରୁ ଟୁପୁ ଝୁପୁରୁ ଝୁପୁ
ବରଷି ଦେଏ ଜଳ
କଅଁଳିଯିବ ଗଛେ ପତର
ଧରିବ ଫୁଲ ଫଳ ।
ପଡିଆମଥା ଝାଉଁଳା ଘାସ
କଅଁଳିଯିବ ଛାଆଁ
ଗଛ ପତରେ ହସିଉଠିବ
ସହର ପଲ୍ଲୀ ଗାଆଁ ।
ନଈ ପୋଖରୀ ଯାଇଚି ଶୁଖି
ନାହିଁ ତହିଁରେ ଜଳ
ପାଣି ମୁଂଦିଏ ପିଇବାପାଇଁ
ବିକଳ ପଶୁକୁଳ ।
ତୁହାକୁ ତୁହା ବରଷି ଯାଆ
ନଈର ଛାତି ଫୁଲୁ
ଫୁଲବଗିଚା ଦିଶୁ ସୁନ୍ଦର
କଳା ଭଅଁର ବୁଲୁ ।
ବରଷାହେଲେ ପିଲା ଖୁସିରେ
ଗାଇବେ ବସି ଗୀତ
ଆ 'ତୁ ହସି ପଡରେ ଖସି
ଆମ ସଭିଙ୍କ ମିତ ।
ଦୋରସା ହେଇ ଟାଙ୍ଗରା ଭୂଇଁ
ଫସଲ ବାଣ୍ଟିଦେବ
ସୁନା ଫସଲ ଭୋକିଲା ପେଟୁ
ଭୋକକୁ କାଢ଼ିନେବ ।


+କୁଞ୍ଜର, ସଙ୍ଗଲାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦




### ମୂଷା ଓ ବିଲେଇ
#### ଦୀପକ କୁମାର ମିଶ୍ର

ଦିନେ ଯେ ମୂଷିକ ବିଲେଇ ନାନୀକୁ
କହିଲା ହାତଟି ଯୋଡ଼ି
କୁହ ଦୁର୍ବଳ ଉପରେ ସବଳର ସଦା
କାହିଁକି ହୁଏ ରାଜୁତି ।

କହିଲା ବିଲେଇ କଥାଟି ଛଳରେ
ଶୁଣରେ ମୂଷିକ ଭାଇ
ପ୍ରକୃତି ନିୟମରେ ଖାଦ୍ୟ ଖାଦକର
ପ୍ରଥା ଯେ ଗଢ଼ା ହୁଅଇ ।

ସଂଖ୍ୟା ବଢିଗଲେ ମୂଷିକ ଜାତିର
ବୁଡ଼େ ଘର ମାଲିକର ବେଳ
ଘରଟି ତା'ର ନିତି ଝାରଖାର ହେଲେ
ମୋ ଭାଗ୍ୟଟି ହୁଏ ଉଜ୍ଜ୍ୱଳ ।

ଏତକ ଶୁଣି ମୂଷା ଲାଜରେ କହିଲା
ସତ କହିଲୁରେ ନାନୀ
କଟାକୁଟି ପାଇଁ ନିନ୍ଦିତ ଆମେ ଯେ
ସବୁଠି ଘୃଣିତ ନିତିଦିନି ।

ଆମ ପ୍ରାଣ ଯାଏ ବିଲେଇ ତୁଣ୍ଡରେ
ଅବା ଯନ୍ତାର ଶୁକୁଆ ଲୋଭେ
ଦୁର୍ଗଣ ଆମର ସତେ ଛାଡିବ କେମିତି
ସେହି କଥା ଖାଲି ଭାବେ ।

ଏହିକଥା ଶୁଣି ନିଜ ନାକକୁ ଫୁଲେଇ
ବିଲେଇ ନାନୀ ରାଗିଗଲା
ଭାଳେ ମୂଷିକ ଯଦି ତା' ଦୁର୍ଗଣ ଛାଡ଼ିବ
ବିଲେଇ ଉପାସେ ମରିବ ଭଲା ।

ବହୁତ ହୋଇଗଲା ଭାଗବତ ଚର୍ଚ୍ଚା
ବିଲେଇ ଏବେ କହିଲା
ମୂଷିକ ଉପରେ ଠିକ ଲକ୍ଷ୍ୟ ରଖି
ସିଧା କୁଦାଟିଏ ମାରିଲା ।

ମୂଷିକ ରାଜ ଅଟେ ଭାରି ଚତୁର
ଆଗରୁ ତରକି ଥିଲା
ବିଲେଇ ନାନୀର କାଳ ରୂପ ଦେଖି
ଡିଆଁ ମାରି ଲୁଚିଗଲା । ଈଈ
ଈଈଈଈ


+ଭୁବନେଶ୍ୱର
ମୋଁ: ୮୨୮୦୨୧୧୦୦୦


### ଶୁଣରେ ବରଷା କଥା
#### ନୀଳମଣି ଚାନ୍ଦ

ଗିରିଷମ ପରେ ଆସିଗଲା ସିଏ
କହିଲା ଖୋଲରେ ଛତା
ଝିପିଝିପି ମେଘ ଝରେଇ ଦେବରେ
ଭିଜିଯିବ ଦେହ, ମଥା ।

ଫୁଟେଇବ କିଆ, କେତକୀ, କଦମ୍ବ
ପଚେଇ୍ବ ଜାମୁକୋଳି
ଇନ୍ଦ୍ରଧନୁ ଆସି ମୁହଁ ଦେଖେଇବ
ସାତରଙ୍ଗକୁରେ ବୋଳି ।

କାଗଜଡଙ୍ଗା ଭସେଇବେ ପିଲେ
ପାଣି ଚବ ଚବ କରି
ବିଜୁଳି ଚଅକ, ଘଡ଼ଘଡ଼ି ରଡି
ମନେ ଦେବ ଡର ଭରି ।

ତରୁଲତା ସବୁ ଦିଶିବେ ସତେଜ
ନୂଆ ବରଷାଟି ପାଇଁ
ନଈ ସ୍ଥିର ଥିଲା ବରଷା ପଡ଼ିଲା
ଆଗକୁ ଯିବରେ ଧାଇଁ ।

କ୍ଷେତରେ ଫଳି୍ବ ସୁନାର ଫସଲ
ଚାଷୀ ହସି କହିଦିଏ
ଶୁଣରେ ବରଷାରାଣୀର କଥାଟି
ମନମତାଣିଆ ଇଏ ।


+ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭


### ଆମ ପରିବେଶ ଆମ ଜୀବନ
#### ଲକ୍ଷ୍ମୀଧର ସିଂ

ପରିବେଶ ଆମ ଦୂଷିତ କରିବାନି
ସଫା ରଖିବା ଆସ
ବାଡ଼ି ପଡିଆକୁ ଖାଲି ରଖିବାନି
ଲଗେଇ ଦେବା ଗଛ ।

ଜଙ୍ଗଲରେ କେବେ ନିଆଁ ଲଗେଇବାନି
ଆନକୁ କରିବା ମନା
ଜଙ୍ଗଲ ରହିଲେ ପାଣିପାଗ ଠିକ
ହବନି ଋତୁ ବାଟ ବଣା ।

ପାଣିକୁ ଜମା ଅଳିଆ ଫିଙ୍ଗିବାନି
ରୋଗଠୁ ଦୁରେଇ ରହିବା
କାରଖାନା ପାଖରେ ଲଗେଇବା ଗଛ
ବାୟୁକୁ ନିର୍ମଳ କରିବା ।

ରାସାୟନିକ ସାର ଦେବାନି ଅଧିକ
ଦୂଷିତ ହବ ମାଟି
ଜୈବିକ ଖତ ମାଟି ଉର୍ବର କରେ
ହସିବ ସଦା ଖେତଟି ।

ଆମ ପରିବେଶ ଆମର ଜୀବନ
କରିବାନି ତାକୁ ନଷ୍ଟ
ସୁସ୍ଥ ପରିବେଶେ ରହିବା ସୁସ୍ଥ
ଭୋଗିବନି ଜମା କଷ୍ଟ ।


+ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ-୬୩୭୦୦୨୬୮୦୫


### ତୁମେ ଗଢ଼ିଛ ସୁନ୍ଦର ଧରା
#### ଦିବାକର ନାୟକ

ତୁମେ ତ ଗଢ଼ିଛ ଏ ସୁନ୍ଦର ଧରା
ଭାଙ୍ଗିବାକୁ କିଏ ମୁହିଁ
ତୁମେ ଦେଖାଇଛ ଜୀବନର ବାଟ
ଅବାଟରେ ଯିବି କାହିଁ ।

ଆକାଶରୁ କେବେ ଝରାଉଛ ନୀର
ମରତ ସୁଷମା ପାଇଁ
ନୟନରୁ କେବେ ଝରାଉଛ ଲୁହ
ଭଲ ହୃଦୟଟେ ଦେଇ ।

ମନରେ ଭରି ମୋ ବିମଳ ଭାବନା
ଧନ୍ୟ କରିଛ ସାଇଁ..
ତୁମେ ତ ଗଢ଼ିଛ ଏ ସୁନ୍ଦର ଧରା
ଭାଙ୍ଗିବାକୁ କିଏ ମୁହିଁ ।

ସାଗରୁ ଦେଇଛ ପୀୟୂଷ ଅସୀମ
ଅତିରୁ ଦେଇଛ ବିଷ
ସୃଷ୍ଟିକୁ ତୁମ ପ୍ରଦୁଷଣ କଲେ
ନିଜେ ହେବୁ ଦିନେ ନାଶ ।

ଆଲୋକ ଅନ୍ଧାର ସବୁ ମନୋହର
ତୁମରି ପରଶ ପାଇ..
ତୁମେ ତ ଗଢ଼ିଛ ଏ ସୁନ୍ଦର ଧରା
ଭାଙ୍ଗିବାକୁ କିଏ ମୁହିଁ ।


+ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


### ଖରାଛୁଟି ଗଲା ସରି...
#### ରାମଚନ୍ଦ୍ର ବେହେରା

ଖରାଦିନ ଛୁଟି ସରିଗଲା ମିତ
ବିଦ୍ୟାଳୟ ଗଲା ଖୋଲି
ମୌସୁମୀ ବର୍ଷାର ଦରଶନ ନାହିଁ
ଦେହମୁଣ୍ଡ ଯାଏ ଜଳି ।

ଖରା ତାପ ଦେଖି ଛତା ମୁଣ୍ଡେ ରଖି
ବିଦ୍ୟାଳୟ ଆମେ ଯିବା
ଗୁରୁ ଗୁରୁମାଂକ ପାଦ ଛୁଇଁ ଆମେ
ଭକ୍ତି ପ୍ରଣାମ କରିବା ।

ଗୃହକର୍ମ ଯେତେ ଦେଇଥିଲେ ଗୁରୁ
ଦେଖାଇ ଦେବା ଖୁସିରେ
ଖରାଦିନ ଛୁଟି କେମିତି କଟିଲା
କଥାହେବା ପରସ୍ପରେ ।

ନୂଆ ଆଶା ନୂଆ ଉଦ୍ଦୀପନା ସହ
ପାଠକୁ ପଢିବା ଧ୍ୟାନେ
ସଂଜ ଓ ସକାଳେ ବିଦ୍ୟାଭାସ କରି
ସାଇତିବା ପାଠ ମନେ ।

ଧୀରେ ଧୀରେ ଆମ ମନ ଲାଗିଯିବ
ବହି ଖାତା ହେବେ ମିତ
ତାଂକ ସହ ଆମେ ଭାବ ରଖିଥିଲେ
ନିଶ୍ଚେ ହେବା ଭଲ ଚାଟ ।

ସମୟ ବଢିବ ଆଗକୁ ଆଗକୁ
ଆସିବ ପରୀକ୍ଷା ବେଳ
ପ୍ରଶ୍ନ ପତ୍ର ଦେଖି ଉତ୍ତର ଲେଖିବା
ମିଳିବ ନିଶ୍ଚେ ସୁଫଳ ।


+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ଆମ ସୁନାଝିଅ କଣ୍ଢେଇ
#### ଜଗଦୀଶ ସାହୁ

ଆମ ସୁନାଝିଅ କଣ୍ଢେଇ
କେହି ପାରିବେନି ଭଣ୍ଡେଇ
ମନଦେଇ ସିଏ ପାଠ ପଢୁଥାଏ
ଲେଖି ଅ ଆ ଇ !

କଥା କହେ ସିଏ ସୁନ୍ଦର
ଆଂଜ୍ଞା କହି ଦିଏ ଉତ୍ତର
ସଂଜ ସକାଳରେ ଚଉରା ମୂଳରେ
ହାତ ଯୋଡ଼ି କରେ ଜୁହାର !

ବେଶୀ ଭଲ ପାଏ ମାଆକୁ
କହେ ଯିବି ମାମୁଁ ଘରକୁ
ମାମୁଁ ଘର ଆଈ ରଖିଛି ମିଠେଇ
ଖାଇବାକୁ ଦବ ଆମକୁ !

ମାମୁଁଝିଅ ସଂଗେ ଖେଳିବି
ଖେଳନା ଗାଡ଼ିଟେ କିଣିବି
ଚାବିଦେଲେ ମୋଡି ଗାଡିଯିବ ଗଡ଼ି
ତାଳିମାରି କେତେ ଡେଇଁବି !

ମାମୁଁଘର ଆମ୍ବ ତୋଟାରେ
ଦୋଳି ଲାଗିଅଛି ପଟାରେ
ଗୀତ ଗାଉଥିବି ଦୋଳିରେ ଝୁଲିବି
ଅଜା କହୁଥିବେ ଥଟ୍ଟାରେ !

ନାତୁଣୀ ମୋହର ଫୁଲେଇ
କଥାକହି ରସ ମଲେଇ
ସରଗରୁ ବର ଆସିବଲୋ ତୋର
ନେଇଯିବ ତୋତେ ଚୋରେଇ !

କଥାଶୁଣି ମାଆ ହସିଲେ
କୋମଳ ବଚନ ଭାଷିଲେ
କୋଳରେ ପୁରେଇ ଚୁମାଟିଏ ଦେଇ
ଛାତିରେ ଜାବୁଡ଼ି ଧରିଲେ !


+ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬




# ମିତ୍ର ଫାଉଣ୍ଡେସନର ଗୁରୁତ୍ୱପୂର୍ଣ୍ଣ ବୈଠକ: କୋର୍ କମିଟି ଗଠନ

କନ୍ଧମାଳ, ୨୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ନୂଆ କରି ହୋଇଥିବା ସ୍ୱେଚ୍ଛାସେବୀ ସଂଗଠନ ମିତ୍ର ଫାଉଣ୍ଡେସନ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋର୍ କମିଟି ଗଠନ କନ୍ଧମାଳ ଜିଲ୍ଲାର ୧୭ ଛାତ୍ର ଛାତ୍ରୀଙ୍କୁ ନେଇ ମିତ୍ର ଫାଉଣ୍ଡେସନ ର ରାଜ୍ୟ କୋର୍ କମିଟି ଗଠନ ସହ ଗୁରୁ ଦାୟୀତ୍ୱ ଦେବାଶିଷ ସାହାଣୀଙ୍କୁ ପ୍ରତିଷ୍ଠାତା - ସାଧାରଣ ସମ୍ପାଦକ ମିଳିଥିବା ବେଳେ ଅମରେଶ ପ୍ରସାଦ ବେହେରାଙ୍କୁ ସଭାପତି, ଦଧିବାମନ ଦାସଙ୍କୁ ଉପସଭାପତି, ପ୍ରଦୀପ ମହାନନ୍ଦଙ୍କୁ ଯୁଗ୍ମ ସମ୍ପାଦକ, ଆଶୁତୋଷ ସାହୁ ଏବଂ ଶୁଭମ ସ୍ୱାଇଁଙ୍କୁ କାର୍ଯ୍ୟକାରିଣୀ ସଂଯୋଜକ, ବରୁଣ କୁମାର ପାତ୍ର ଏବଂ ସୌମ୍ୟ ଜ୍ୟୋତିର୍ମୟ ପଣ୍ଡାଙ୍କୁ ସୋସିଆଲ ମିଡ଼ିଆ ଦାୟୀତ୍ୱ ସେଭଳି ଗୋସେବା ଦାୟୀତ୍ୱରେ ଗଣେଶ ସ୍ୱାଇଁ, ଶୋଭାଲକ୍ଷ୍ମୀ ମାଝୀ, ପ୍ରେମଜୀତ ବାରିକ ଏବଂ ସଡ଼କ ସୁରକ୍ଷା ଦାୟୀତ୍ୱରେ ସନ୍ଦୀପ ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାହୁ ଏବଂ ମେମ୍ବରସିପ୍ ସଂଯୋଜକ ଭାବେ ଦିଗାମ୍ବର ପଣ୍ଡା, ସିଦ୍ଧାର୍ଥ ପ୍ରଧାନ ଏବଂ ଦେବ ପ୍ରସାଦ ମହାନ୍ତି ସେଭଳି କେସିଅର ଭାବେ ଟିପୁନ କୁମାର ସାହୁଙ୍କୁ ପ୍ରତିଷ୍ଠାତା ଚୟନ କରିଛନ୍ତି ଏବଂ ଏହି କୋର୍ କମିଟିକୁ ନେଇ ସଂଗଠନକୁ ଆଗକୁ ନେବା ପାଇଁ ସ୍ଥିର କରିଛନ୍ତି ପ୍ରତିଷ୍ଠାତା ସମାଜସେବୀ ଦେବାଶିଷ ସାହାଣୀ।

# ନୂତନ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା ପ୍ରସଙ୍ଗ: ଚୂଡାନ୍ତ ବିଜ୍ଞପ୍ତିପରେ ଗଠନ ହେବ ଏନ୍‌ଏସି ଓ ମ୍ୟୁନିସିପାଲିଟି

ବଲାଙ୍ଗୀର, ୨୧/୬ (ନି.ପ୍ର): ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ୫୭ଟି ନୂତନ ଏନ୍‌ଏସି ଓ ୬ଟି ମ୍ୟୁନିସିପାଲିଟି ଗଠନ କରିବା ପାଇଁ ଘୋଷଣା କରିଥିଲେ ବୋଲି ସୂଚନା ଅଧିକାର ଆଇନ ବଳରେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ସହର ବିକାଶ ବିଭାଗ ପକ୍ଷରୁ ବିଭାଗୀୟ ଜନ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୧୧୬୧୪ ତା ୧୧/୬/୨୦୨୪ ଯୋଗେ ରାଜ୍ୟର ବିଶିଷ୍ଟ ସୂଚନା କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ସୂଚନା ପ୍ରଦାନ କରିଛନ୍ତି । ନୂତନ ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ପାଇଁ ଚୁଡାନ୍ତ ବିଜ୍ଞପ୍ତି ପ୍ରକାଶ ହେଲା ପରେ ସମ୍ପୃକ୍ତ ପଂଚାୟତଗୁଡିକୁ ଭାଙ୍ଗିବା ପାଇଁ ପୁଣି ଆବଶ୍ୟକୀୟ ବିଜ୍ଞପ୍ତି ପ୍ରକାଶ ହେବ ବୋଲି ତଥ୍ୟରେ କୁହାଯାଇଛି। ରାଜ୍ୟ ସରକାର ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ ଅନୁସାରେ ୫୭ଟି ନୂତନ ଏନ୍‌ଏସି ଓ ୬ଟି ମ୍ୟୁନିସିପାଲିଟି ଗଠନ କରିବା ପାଇଁ କେବଳ ରାଜି ହୋଇଥିଲେ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ତଥ୍ୟକୁ ଭିତି କରି ସୂଚନା କର୍ମୀ ପଣ୍ଡା କହିଛନ୍ତି ଯେ, ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ବିଗତ ବିଜୁ ଜନତା ଦଳ ସରକାର ରାଜ୍ୟରେ ଅନେକ ଗୁଡିଏ ନୂତନ ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ପାଇଁ ଘୋଷଣା କରିଥିଲେ। ସରକାରୀ ନିୟମ କାନୁନ ର ଅନୁପାଳନ କରାଯାଇନଥିବା କଥା ବିରୋଧି ଦଳଗୁଡିକ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୌର ଆଇନକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ଏହା ଘୋଷଣା କରାଯାଇଥିଲା ବୋଲି ତଥ୍ୟରୁ ସ୍ପଷ୍ଟ ହୋଇଥିବା ପଣ୍ଡା କହିଛନ୍ତି। ପୌର ଆଇନ ଅନୁଯାୟୀ ଏନ୍‌ଏସିରେ ସର୍ବନିମ୍ନ ଦଶ ହଜାର ଜନସଂଖ୍ୟା, ମ୍ୟୁନିସିପାଲିଟିରେ ସର୍ବନିମ୍ନ ପଚିଶ ହଜାର ଓ ମହାନଗରରେ ସର୍ବନିମ୍ନ ତିନି ଲକ୍ଷ ଜନସଂଖ୍ୟା ରହିବା ବ୍ୟବସ୍ଥା ରହିଛି। ଜନସଂଖ୍ୟାର ଘନତ୍ୱ, ଅଣକୃଷି କ୍ଷେତ୍ରର ନିଯୁକ୍ତି ସଂଖ୍ୟା ଓ ଅର୍ଥନୈତିକ ଦିଗର ଅଧ୍ୟୟନ ହେବା କଥା। କିନ୍ତୁ ତତ୍‌କାଳୀନ ସରକାର ଏହା ନକରି ଏଭଳି ଗୁରୁର୍ତ୍ୱପୂର୍ଣ ଘୋଷଣା କରି ଏକ ଭୂଲ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପଣ୍ଡା କହିଛନ୍ତି। ନୂତନ ସରକାର ଏହା ଉପରେ ବର୍ତମାନ କେଉଁ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବେ ଏହା ସ୍ପଷ୍ଟ କରି ନାହାନ୍ତି। ଏହାକୁ ନେଇ ଅନେକ ଅଂଚଳରେ ଜନ ଆନ୍ଦୋଳନ ହୋଇଥିଲା। ଜନ ଦାବୀକୁ ସମ୍ମାନ ଦେଇ ନୂତନ ସରକାର ଏହା ଉପରେ ନିଷ୍ପତି ନେବା ପାଇଁ ସୂଚନା କର୍ମୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବୀ କରିଛନ୍ତି।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା ଆୟୋଜିତ

ବଲାଙ୍ଗିର, ୨୧/୬ (ନି.ପ୍ର): ଆଜି ବଲାଙ୍ଗିର ରେ ଜିଲ୍ଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରାରେ ଶତାଧିକ ଟ୍ରାନ୍ସଜେଣ୍ଡର୍ ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିବା ବେଳେ ଏହା ଭୀମଭୋଇ ମେଡ଼ିକାଲ୍ କଲେଜ ନିକଟକୁ ଯାଇ ସେଠାରେ ଟ୍ରାନ୍ସଜେଣ୍ଡର୍ ମାନଙ୍କ ହକ୍ ପାଇଁ ଯେଉଁମାନେ ନିଜ ଜୀବନକୁ ବଳି ଦେଇଛନ୍ତି କିମ୍ବା ଜୀବନ ତମାମ୍ ଟ୍ରାନ୍ସଜେଣ୍ଡର୍ ମାନଙ୍କ ହକ୍ ପାଇଁ କାମ କରିଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ତର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା । ୨୦୦୯ ମସିହାରେ ବିଭିନ୍ନ ଗୋଷ୍ଠୀ ଭିତିକ ଅନୁଷ୍ଠାନ ଓ ସାଥୀ ଏନଜିଓର ସହଭାଗିତାରେ ଭୁବନେଶ୍ୱର ଠାରେ ସର୍ବ ପ୍ରଥମେ ରେନ୍‌ବୋ ସ୍ୱାଭିମାନ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଟ୍ରାନ୍ସଜେଣ୍ଡର୍ ମାନଙ୍କ ଅନ୍ୟମାନଙ୍କ ଭଳି ସମାଜରେ ସ୍ୱାଭିମାନର ସହ ବଂଚିବାର ଅଧିକାର ତଥା ସମସ୍ତ କ୍ଷେତ୍ରରେ ସମାନତା ଆଣିବା ଉଦ୍ଦେଶ୍ୟରେ ରେନବୋ ସ୍ୱାଭିମାନ ପଦଯାତ୍ରା ଆୟୋଜିତ କରାଯାଇଥିବା କୁହାଯାଇଛି ।

# ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ବିଭାଗ ପରିଦର୍ଶନ

ଭୁବନେଶ୍ୱର, ୨୧/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ବିଭାଗ ପରିଦର୍ଶନ କରି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ଶାସନ ସଚିବ ଭି. ଭି. ଯାଦବ, ସ୍ୱତନ୍ତ୍ର ଶାସନ ସଚିବ ମହମ୍ମଦ କୁଆମରୁଲ ହକ୍ ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ ଯୋଜନା, ଖାଦ୍ୟ ସୁରକ୍ଷା ନୀତି, ଖାଦ୍ୟଶସ୍ୟ କ୍ରୟବିକ୍ରୟ, ମଣ୍ଡି ପରିଚାଳନା, ଶୀତଳଭଣ୍ଡାର, ମାପଦଣ୍ଡ ମାନକ, ପିଡ଼ିଏସ ପ୍ରକ୍ରିୟା ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ। କୃଷକ ଓ ଖାଉଟିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦରଦାମ ନିୟନ୍ତ୍ରଣ ସହ ମଣ୍ଡିର ସୁପରିଚାଳନାକୁ ସର୍ବଦା ପ୍ରାଧାନ୍ୟ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ରାଜ୍ୟରେ ଖାଦ୍ୟ ସୁରକ୍ଷା ନୀତିକୁ ଲାଗୁ କରିବା ସହ ଅତ୍ୟାବଶକ ସାମଗ୍ରୀର ବଜାର ବିଶ୍ଳେଷଣ ଓ ବଜାରଦର ତଦାରଖ ନିୟମିତ ବ୍ୟବଧାନରେ କରାଯିବ ଏବଂ ଖାଦ୍ୟର ଗୁଣବତାକୁ ପ୍ରାଧାନ୍ୟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ପାଇଁ ମଧ ସେ କହିଥିଲେ।

# ବଜାରଦାଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଦୁର୍ନୀତି ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା, ୨୧/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଆଳି ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନ ମହୁ ବଜାରଦାଣ୍ଡି ଅଙ୍ଗନୱାଡିକେନ୍ଦ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ନିକଟରେ ଆଜି ଅଭିଯୋଗ କରିଛନ୍ତି। ସେହି ଅଭିଯୋଗ ଅନୁଯାୟୀ ସେହି ଅଙ୍ଗନୱାଡିକେନ୍ଦ୍ର ନିମନ୍ତେ ଔଷଧ କିଣାଯାଇଥିବା ନେଇ ମିଥ୍ୟା ବିଲ୍ ପ୍ରସ୍ତୁତ, ପ୍ଲେସ୍କୁଲ ପାଇଁ କିଟ୍ କିଣାଯାଇଥିବା ନେଇ ମିଥ୍ୟାବିଲ୍ ପ୍ରସ୍ତୁତ, ଗାଁ କଲ୍ୟାଣ ଯୋଜନାରେ ମଞ୍ଜୁର ହୋଇଥିବା ଅର୍ଥକୁ ଖର୍ଚ୍ଚ କରାନଯାଇ ଉଠାଇନେବା, ରନ୍ଧା ଖାଦ୍ୟ ପ୍ରଦାନ କରାନଯାଇ ବିଲ୍ କରାଯିବା, ଅଣ୍ଡା କିଣାରେ ଦୁର୍ନୀତି ଓ ଅଣ୍ଡା ବଂଟନରେ ଅନିୟମିତତା, ଛତୁଆ, ଲଡୁ ପ୍ରଭୃତି ବଂଟନ କରାନଯାଇ ତୋଷରପାତ କରାଯିବା, କେନ୍ଦ୍ରରେ ୬ଜଣ ପିଲା ଥିବାବେଳେ ୩୪ଜଣ ଥିବା ଦର୍ଶାଇ ସରକାରୀ ସହାୟତାକୁ ହଡପ କରିବା ପ୍ରଭୃତି ଅଭିଯୋଗରେ ଦର୍ଶାଯାଇଛି। ଏସମ୍ପର୍କରେ ଆଳି ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବାରେ ଅଭିଯୋଗ ଗୁଡିକରେ ସତ୍ୟତା ଥିବା ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶିକା ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଆଳି ଶିଶୁ ବିକାଶ ଯୋଜନା ଅଧିକାରୀ ଏସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଆଳି ସରପଂଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୨୧/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନରେ ଥିବା ସମସ୍ତ ସରପଂଚମାନେ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଆଲୋଚନା କରିଥିବା ଜଣାପଡିଛି । ଆଳି ବ୍ଲକ ସରପଂଚ ସଂଘର ସଭାପତି ସନାତନ ସାହୁଙ୍କ ନେତୃତ୍ୱରେ ବିଜୟଲକ୍ଷ୍ମୀ ସାହୁ, ହେମଲତା ସେଠୀ, ବିକ୍ରମ କୁମାର ମଲିକ, ରଂଜିତ ବେହେରା, ହେମନ୍ତ ଧଳ ପ୍ରମୁଖ ପଂଚାୟତରେ ମନରେଗା ଯୋଜନାରେ କୌଣସି କାର୍ଯ୍ୟ ହୋଇ ପାରୁ ନଥିବାରୁ ଜବକାର୍ଡ ଧାରୀ ମାନେ କାମ ମାଗିବା ପାଇଁ ବାରମ୍ବାର ପଂଚାୟତ ଅଫିସ ଆସୁଛନ୍ତି । ହରିଶ୍ଚନ୍ଦ୍ର ଟଙ୍କା ସରପଂଚଙ୍କ ହାତରେ ରହିବା ଦରକାର । ଲୋକ ଟଙ୍କା ମାଗିବାକୁ ଆସିବାରୁ ସରପଂଚମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଲୋକଙ୍କର ରାସନ କାର୍ଡ ଦୀର୍ଘ ୨ ବର୍ଷ ହେଲା ସରପଂଚମାନଙ୍କ ମାଧ୍ୟମରେ ହୋଇପାରୁ ନାହିଁ । ଆମ ଓଡିଶା ନବୀନ ଓଡିଶାର କାର୍ଯ୍ୟ ହୋଇଥିଲେ ମଧ ତାର ବିଲ ମିଳୁନାହିଁ । ଭତା ନିମନ୍ତେ ହିତାଧିକାରୀମାନେ ଅନଲାଇନରେ ଆବେଦନ କଲେ ମଧ ଠିକ ସମୟରେ ଏହା ସମାଧାନ ହୋଇପାରୁ ନାହିଁ। ଏ ସମସ୍ୟାଗୁଡିକ ସଂପର୍କରେ ଆଳି ବ୍ଲକର ସରପଂଚମାନେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଲୋଚନା କରିବା ପରେ ଜିଲ୍ଲାପାଳ ଏହାର ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ବ୍ଲକ ପ୍ରଶାସନ ଓ ପିରାମଲ ସହଯୋଗରେ ରଜ ଉତ୍ସବ ପାଳିତ

ମାଲକାନଗିରି, ୨୧/୬ (ନି.ପ୍ର): ଖଇରପୁଟ ବ୍ଲକ କଦମଗୁଡା ପଂଚାୟତ ପରିସରରେ ଋତୁସ୍ରାବ ସ୍ୱଚ୍ଛତା ନେଇ ଆକାଂକ୍ଷା ଜିଲ୍ଲା ଅନ୍ତର୍ଗତ ପିରାମଲ ଫାଉଣ୍ଡେସନ, ବ୍ଲକ ପ୍ରଶାସନ ଓ ଜିଲ୍ଲା ବନ ବିଭାଗର ମିଳିତ ପ୍ରୟାସରେ ରଜ ଉତ୍ସବ ପାଳନ କରାଯାଇଛି । ସରପଂଚ ସୂର୍ଯ୍ୟ ନାରାୟଣ ଝିଗିଡିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ସଂସ୍ଥା ପକ୍ଷରୁ ସିଡିପିଓ ନିହାର ବାଳା ସାହୁ , ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଏବଂ ପିରାମଲ୍ ଫାଉଣ୍ଡେସନରୁ ରାଜାରାମ ମଲ୍ଲିକ, ସାୟୁ ସିଂହା, ସୁମିତ କୁମାର ଏବଂ ଅଭିଷେକ ପାଣ୍ଡେଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି । ବାଲ୍ୟ ବିବାହ କୁ ବିରୋଧ କରିବା ଓ ପରିବେଶ ସୁରକ୍ଷା ନିମନ୍ତେ ଏକ ସଚେତନା ରାଲି କରାଯାଇଥିଲା। ପଂଚାୟତ କାର୍ଯ୍ୟାଳୟ ପରିସର ରେ ୨୫୦ ବୃକ୍ଷରୋପଣ କରାଯାଇଛି। ଅଙ୍ଗନୱାଡି କର୍ମୀ ମାନେ ନିଜ ହାତରେ ପ୍ରସ୍ତୁତ କରିଥିବା ସାମଗ୍ରୀରେ ଏକ ପୋଷଣ ମେଳା ମଧ କରାଯାଇଥିଲା ସେଥିରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ, ପନିପରିବା, ମିଲେଟସ ତିଆରି ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଋତୁସ୍ରାବ ସ୍ୱଛତା ଏବଂ ପରିବେଶ ସୁରକ୍ଷା କୁ ନେଇ ସଚେତନ ସଭା ମଧ କରାଯାଇଛି। ଶେଷ ରେ ସମସ୍ତେ ଦୋଳି ଖେଳି ନାଚି ଉତ୍ସବ କୁ ସମାପ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମାଥିଲି ବ୍ଲକ ର ସବୁ ପଂଚାୟତ ରୁ ୪୫୦ ଜଣ କିଶୋରୀ ବାଳିକା ଯୋଗ ଦେଇଥିଲେ। ଋତୁଶ୍ରାବ ଏକ ପ୍ରକ୍ରିୟା,ଏହାକୁ କୌଣସି ପ୍ରକାର ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା ଓ ବନ ବିଭାଗ ତରଫରୁ ଗଛ ମୋର ସାଥି ସ୍ଲୋଗାନ ଦିଆ ଯାଇଥିଲା ।

# ବାଲ୍ୟ ବିବାହକୁ ବନ୍ଦ କଲା ପ୍ରଶାସନ

ନୂଆପଡ଼ା, ୨୧/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବାଦୀ ପଂଚାୟତର ଜୁନାନୀ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛନ୍ତି ନୂଆପଡ଼ା ଜିଲ୍ଲା ପ୍ରଶାସନ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆରସିଂହଙ୍କ ନେତୃତ୍ୱରେ ଟିମ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା କୁମାରୀ ଅଗ୍ରୱାଲଙ୍କସମେତ ଏକ ଟିମ ଜୁନାନୀ ଗ୍ରାମକୁ ଯାଇ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ ବିବାହକୁ ବନ୍ଦ କରିଛନ୍ତି। ପରିବାରଙ୍କ ସହ ଟିମ ଆଲୋଚନା କରି ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଆଲୋଚନା କରି ବିବାହକୁ ବନ୍ଦ କରାଯାଇଥିଲା। ଜୁନାନୀ ଗ୍ରାମର କପୁରଚନ ପଟେଲଙ୍କ ପୁଅ ବିରେନ୍ଦ୍ର ପଟେଲ(୧୯)ଙ୍କ ବିବାହ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଜଣେ ୧୮ ବର୍ଷର ଯୁବତୀଙ୍କ ସହ ବିବାହ ସ୍ଥିର ହୋଇଥିଲା। ଆସନ୍ତା ୨୬ ତାରିଖ ଦିନ ବିବାହ ସ୍ଥିର ହୋଇଥିବା ବେଳେ କୌଣସି ସୂତ୍ରରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଆସି ବିବାହକୁ ବନ୍ଦ କରିଛନ୍ତି।

# ମହାପ୍ରଭୁଙ୍କ ପଟିଦିଅଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ପୁରୀ, ୨୧/୬ (ନି.ପ୍ର): ଜୁନ ୨୨ ଶନିବାର ଦିନ ପବିତ୍ର ଦେବସ୍ନାନ ପୂର୍ଣ୍ଣମା । ତିନି ଠାକୁର ରତ୍ନସିଂହାସନରେ ପହଣ୍ଡି ହୋଇ ସ୍ନାନ ବେଦିରେ ବିଦ୍ୟମାନ ହେବେ । ୧୦୮ ଗଡ଼ୁ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବେ । ସ୍ନାନ ପରେ ଜ୍ୱରରେ ପୀଡିତ ହୋଇ ତିନି ଠାକୁର ଅଣସର ଘରେ ବିରାଜମାନ କରିବେ । ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ ନାହିଁ । ଏହି ସମୟରେ ଦଶଅବତାର ପଟିଦିଅଁ ଅଣସର ତାଟିରେ ପୂଜା ପାଇବେ । ଏହି ପଟିଦିଅଁ ନିର୍ମାଣ କରିବା ପାଇଁ ଚିତ୍ରକର ସାହିରେ ଚିତ୍ରକର ମାନେ ହବିଷ ପାଳନ କରି ପଟିଦିଅଁ ନିର୍ମାଣ କରୁଛନ୍ତି । ଶ୍ରୀ ଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ମା ସୁଭଦ୍ରାଙ୍କ ସ୍ଥାନରେ ମା ଭୁବନେଶ୍ୱରୀ ପଟିଦିଅଁ ପୂଜା ପାଇବେ । ପରମ୍ପରା ଅନୁଯାଇ ଶୀତଳଷଷ୍ଠୀ ଦିନ ଅନନ୍ତ ନାରାୟଣଙ୍କ ପଟିଦିଅଁ ଅନୁକୂଳ ହୋଇଥିଲେ । ସ୍ନାନ ପୂର୍ଣ୍ଣିମା ଦିନ ଚିତ୍ରକର ପରିବାରର ମହିଳା ମାନେ ପଟିଦିଅଁଙ୍କୁ ବନ୍ଦାପନା କରିବା ପରେ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିବେ । ପଟିଦିଅଁ ନିର୍ମାଣ ପାଇଁ ହେଙ୍ଗୁଳ, ହରିତାଳ, ଶଙ୍ଖ,ଦୀପକଳା, ଖଣ୍ଡ ନେଳି, ପଟା, ଗେରୁ, କଇଥ ଅଠା ପ୍ରୟୋଗ କରି ପଟ୍ଟଚିତ୍ର ନିର୍ମାଣ କରିଥାନ୍ତି । ପଣାପ୍ରିୟା ସାହିର ଚିତ୍ରକର ସେବକ ଦେବଦତ ମହାରଣା ଋତୁରାଜ ମହାରଣା, ଚନ୍ଦ୍ର ଶେଖର ମହାରଣା ,ମାନସ କୁମାର ମହାରଣା, ଧର୍ମେନ୍ଦ୍ର ମହାରଣା ,ବିକ୍ରମ ମହାରଣା, ସଚ୍ଚିକାନ୍ତ ମହାରଣା, ରତିକାନ୍ତ ମହାରଣା ପ୍ରମୁଖ ଜଗନ୍ନାଥଙ୍କ ପଟିଦିଅଁ ପାଇଁ ଅନନ୍ତ ନାରାୟଣ ପଟିଦିଅଁ ନିର୍ମାଣରେ ନିମଗ୍ନ ଅଛନ୍ତି । ଚିତ୍ରକର ସାହିରେ ରବି ଶଙ୍କର ମହାରଣା, ଅନନ୍ତ ମହାରଣା,ମଦନ ମହୋନ ମହାପାତ୍ର, ବାବୁନା ମହାପାତ୍ର, ଜିତେନ୍ଦ୍ର ମହାରଣା, ସଙ୍ଗୀତ ମହାପାତ୍ର ପ୍ରମୁଖ ବଳଭଦ୍ରଙ୍କ ପଟିଦିଅଁ ପାଇଁ ଅନନ୍ତ ବାସୁଦେବ ଓ ମା ସୁଭଦ୍ରାଙ୍କ ପଟିଦିଅଁ ପାଇଁ ମା ଭୁବନେଶ୍ୱରୀ ପଟିଦିଅଁ ନିର୍ମାଣ କାର୍ଯ୍ୟରେ ନିମଗ୍ନ ଅଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଚିତ୍ରକର ସେବକଙ୍କ ଘରକୁ ଆସି ପଟିଦିଅଁ ପୂଜାର୍ଚ୍ଚନା ପରେ ପଟିଦିଅଁଙ୍କୁ ଘଂଟ କାହାଳୀ ବାଦ୍ୟ ସହ ଶ୍ରୀମନ୍ଦିରକୁ ନେଇଥାନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗୀ : ବଲାଙ୍ଗୀରରେ ଖୁସିର ଲହରି

ବଲାଙ୍ଗୀର, ୨୧/୬ (ନି.ପ୍ର): ଓଡିଶା ପ୍ରଶାସନିକ ସେବା ଅଧିକାରୀ ପ୍ରସନ୍ନ କୁମାର ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜୁନ ୧୩ ତାରିଖ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ଷଡଙ୍ଗୀ ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ଷଡଙ୍ଗୀ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ମାଣ୍ଡିଆପଦର ଗ୍ରାମର ସ୍ୱର୍ଗତ ଧନୁଧରର ଷଡଙ୍ଗୀ ଓ ଗୋପେଶ୍ୱରୀ ଷଡଙ୍ଗୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଲୋଇସିଂହାର ହରେକୃଷ୍ଣ ମହତାବ ହାଇସ୍କୁଲରୁ ମେଟ୍ରିକ ପାସ କରି ବଲାଙ୍ଗିର ରାଜେନ୍ଦ୍ର ମହାବିଦ୍ୟାଳୟରୁ ସ୍ନାତକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତର ଡିଗ୍ରୀ ହାସଲ କରି ସାରିବା ପରେ ୧୯୯୫ ରେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ତାଙ୍କର ପ୍ରଥମ ନିଯୁକ୍ତି କଳାହାଣ୍ଡି ଜିଲ୍ଲାର ଭବାନିପାଟଣା ଠାରେ ନିଜାରତ ଅଫିସର ଭାବେ କାର୍ଯ୍ୟାରମ୍ଭ କରିଥିଲେ। ପରବର୍ତି ସମୟରେ ସରକାରଙ୍କର ବିଭିନ୍ନ ପଦପଦବିରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ଏହା ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଥିଲେ। ତାଙ୍କ ନିଯୁକ୍ତି ରେ ସାରା ବଲାଙ୍ଗୀର ସହରର ବୁଦ୍ଧିଜିବି ମହଲରେ ତଥା ଜନ୍ମ ଗାଁ ମାଣ୍ଡିଆପଦରରେ ଖୁସିର ଲହର ଖେଳିଯାଇଛି।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କଲା ଆମେରିକୀୟ କଂଗ୍ରେସର ପ୍ରତିନିଧି ମଣ୍ଡଳୀ

ନୂଆଦିଲ୍ଲୀ, ୨୧/୬ (ନି.ପ୍ର): ବୈଦେଶିକ ବ୍ୟାପାର ସଦନ କମିଟିର ଅଧକ୍ଷ ମାଇକେଲ୍ ମ୍ୟାକକଲ୍‌ଙ୍କ ନେତୃତ୍ୱରେ ସାତ ଜଣିଆ ସଦସ୍ୟ ବିଶିଷ୍ଟ ଆମେରିକୀୟ କଂଗ୍ରେସର ପ୍ରତିନିଧି ଦଳ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛି । ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ନେନ୍ସି ପାଲୋସୀ, ପ୍ରତିନିଧି ଗ୍ରେଗରୀ ମିକ୍ସ, ପ୍ରତିନିଧି ମେରିଏନେଟ୍ ମିଲର-ମିକ୍ସ, ପ୍ରତିନିଧି ନିକୋଲ ମ୍ୟାଲିୟୋଟାକିସ, ପ୍ରତିନିଧି ଅମରୀଶ ବାବୁଲାଲ ‘‘ଅମୀ ବେରା’’ ଏବଂ ପ୍ରତିନିଧି ଜିମ୍ ମ୍ୟାକଗବର୍ଣ୍ଣ ସାମିଲ ଥିଲେ । ପ୍ରତିନିଧି ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତୃତୀୟ ଥର ଲଗାତାର ଐତିହାସିକ ଭାବେ ନିର୍ବାଚିତ ହେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସେମାନେ ଭାରତରେ ନିକଟରେ ଅନୁଷ୍ଠିତ ହୋଇଥିବା ସବୁଠୁ ବଡ଼ ଗଣତାନ୍ତ୍ରିକ ପ୍ରକ୍ରିୟାର ବ୍ୟାପକତା, ନିରପେକ୍ଷତା ଓ ପାରଦର୍ଶିତାକୁ ଗଭୀର ଭାବେ ପ୍ରଶଂସା କରିଥିଲେ। ପ୍ରତିନିଧି ଦଳ ଭାରତ-ଆମେରିକା ସମ୍ପର୍କକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିବା ସହିତ ବ୍ୟବସାୟ, ନୂଆ ଓ ଉଦୀୟମାନ ପ୍ରଯୁକ୍ତି, ପ୍ରତିରକ୍ଷା, ନାଗରିକ ସମ୍ପର୍କ ସମେତ ସବୁ କ୍ଷେତ୍ରରେ ବ୍ୟାପକ ରଣନୀତିକ ବୈଶ୍ୱିକ ଭାଗିଦାରୀକୁ ଆହୁରି ଗଭୀର କରିବା ଉପରେ ସେମାନଙ୍କର ଦୃଢ଼ ସମର୍ଥନ ବ୍ୟକ୍ତ କରିଥିଲେ। ଭାରତ-ଆମେରିକା ସମ୍ପର୍କକୁ ଆଗକୁ ବଢ଼ାଇବାରେ ଆମେରିକା କଂଗ୍ରେସର ଲଗାତାର ଓ ଦ୍ୱିପାକ୍ଷିକ ସମର୍ଥନ ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହା ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ପ୍ରତି ସମ୍ମାନ ଓ ନାଗରିକଙ୍କ ମଧ୍ୟରେ ମଜବୁତ ସମ୍ପର୍କ ଉପରେ ଆଧାରିତ । ସେ ବିଶ୍ୱ କଲ୍ୟାଣ ପାଇଁ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ବିଗତ ବର୍ଷ ଜୁନ ମାସରେ ଆମେରିକାକୁ ନିଜର ସରକାରୀ ଗସ୍ତ ସମୟରେ ଦ୍ୱିତୀୟ ଥର ପାଇଁ ଆମେରିକୀୟ କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରିବାର ସୁଯୋଗ ମିଳିବା ଘଟଣାର ସ୍ମରଣ କରିଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର ଏକ କବିତା ପରି, ପ୍ରତି ଥର ଦେଖିଲେ ଆପଣ ଏଥିରେ କିଛି ନୂଆ ଦେଖିବାକୁ ପାଆନ୍ତି: ଆନ୍ନା ହେନକେଲ-ଡୋନର୍ସମାର୍କ

ନୂଆଦିଲ୍ଲୀ, ୨୧/୬ : ଅଷ୍ଟାଦଶ ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଏମଆଇଏଫ୍‌ଏଫ୍)ରେ ଆଜି ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଏବଂ ଉଦ୍ୟୋଗ ବିଶେଷଜ୍ଞଙ୍କ ଉପସ୍ଥିତିରେ ’ପ୍ରସାରିତ ସର୍ଟସ: ପେନିଟ୍ରେସନ୍, ରିଚ୍ ଆଣ୍ଡ ଏକ୍ସପୋଜର୍’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚଳଚ୍ଚିତ୍ର ନିର୍ମାତା ତଥା ବର୍ଲିନାଲ୍ ସର୍ଟସର ମୁଖ୍ୟ ଆନ୍ନା ହେଙ୍କେଲ-ଡୋନର୍ସମାର୍କ କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକୁ କବିତା ସହ ତୁଳନା କରି ଏକ ଆକର୍ଷଣୀୟ ଉପମା ସହିତ ଆଲୋଚନା ଆରମ୍ଭ କରିଥିଲେ। କ୍ଷୁଦ୍ର ଚଳଚ୍ଚିତ୍ର ଏକ କବିତା ପରି। ପ୍ରତ୍ୟେକ ଦର୍ଶନ ସହିତ, ଆପଣ କିଛି ନୂଆ ଏବଂ ଆଶ୍ଚର୍ଯ୍ୟଜନକ ଅନୁସନ୍ଧାନ କରିବେ ବୋଲି ସେ କହିଛନ୍ତି। ବିଶ୍ୱର ଅନ୍ୟତମ ବୃହତ୍ତମ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ବର୍ଲିନାଲ ସର୍ଟସର ପ୍ରସିଦ୍ଧି ଉପରେ ମଧ ସେ ଆଲୋକପାତ କରିଥିଲେ । ସୀମିତ ପାଣ୍ଠି ଏବଂ ସମ୍ବଳ ଭଳି ପ୍ରତିବନ୍ଧକକୁ ସୃଜନଶୀଳତାର ସୁଯୋଗ ଭାବରେ ଦେଖିବାକୁ ଆନ୍ନା ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଉତ୍ସାହିତ କରିଥିଲେ। ଗୋଟିଏ ଚମତ୍କାର ଆଇଡିଆକୁ ନେଇ ଆପଣ ଆଇଫୋନ୍ ଜରିଆରେ ମଧ ଏକ ସୁନ୍ଦର ଫିଲ୍ମ ତିଆରି କରିପାରିବେ। ପକେଟ ଫିଲ୍ମସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସମୀର ମୋଦୀ ଏହାର ଶକ୍ତିଶାଳୀ ଫିଚର ଫିଲ୍ମ ଇଣ୍ଡଷ୍ଟ୍ରି ସତ୍ତ୍ୱେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ବଜାର ଭାବରେ ଭାରତର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ଷୁଦ୍ର ଚଳଚ୍ଚିତ୍ର ହେଉଛି କାହାଣୀର ଏକ ସରଳ ତଥା ଶକ୍ତିଶାଳୀ ମାଧ୍ୟମ। ଏହା ହେଉଛି ଏକ ମାଧ୍ୟମ ଯାହା ମାଧ୍ୟମରେ ଆପଣ ବାସ୍ତବତାକୁ ଚିତ୍ରଣ କରିପାରିବେ ବୋଲି ସମୀର କହିଛନ୍ତି। ବିଷୟବସ୍ତୁକୁ ଏହାର ଦର୍ଶକ ଖୋଜିବାରେ ସାହାଯ୍ୟ କରିବାରେ ଡିଜିଟାଲ ବିପ୍ଳବର ଭୂମିକା ବିଷୟରେ ସେ ଆଲୋଚନା କରିଥିଲେ ଏବଂ ଏହି ଆବିଷ୍କାରକୁ ସହଜ କରିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମୀର ପାଣ୍ଠି ଆହ୍ୱାନର ମଧ ସମାଧାନ କରିଥିଲେ, ଚଳଚ୍ଚିତ୍ର ନିର୍ମାତାଙ୍କୁ ସୁଯୋଗ ଅନୁସନ୍ଧାନ କରିବାକୁ ଏବଂ ନିଜେ ଉପାୟ ଖୋଜିବାକୁ ପରାମର୍ଶ ଦେଇଥିଲେ। ଆପଣଙ୍କ ସ୍ୱପ୍ନକୁ ଆଉ କେହି କେବେ ବି ପୂରଣ କରିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଖ୍ୟାତ ଅଭିନେତ୍ରୀ ଟିସ୍କା ଚୋପ୍ରା କହିଛନ୍ତି ଯେ କ୍ଷୁଦ୍ର ଚଳଚ୍ଚିତ୍ର କେବଳ ଫିଚର ଫିଲ୍ମ ପାଇଁ ପାଦ ଦେବା ପାଇଁ ଏକ ମାଧ୍ୟମ ନୁହେଁ ବରଂ ଏଥିରେ ଅନେକ କିଛି ଜ୍ଞାନ ଆହରଣ କରିବାର ଅଛି। ଏହା ନିଜେ ଏକ ଛୋଟ ରତ୍ନ, ଯାହାର ପ୍ରତ୍ୟେକ ମୁହୂର୍ତ୍ତ ଆକର୍ଷଣୀୟ। ଚୋପ୍ରା ଭାରତର ସମୃଦ୍ଧ କାହାଣୀ ପରମ୍ପରା ଉପରେ ଗୁରୁତ୍ୱାରୋପ କରି ଆଶ୍ୱାସନା ଦେଇଥିଲେ ଯେ ‘ଏକ ନୂତନ, ଅନନ୍ୟ ଏବଂ ରୋମାଞ୍ଚକର କାହାଣୀ ସର୍ବଦା ନିଜ ଶକ୍ତିରେ ଏହାର ଦର୍ଶକ ପାଇବ । ଡକ୍ୟୁମେଂଟାରୀ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା ଭିକେୟେନୋ ଜାଓ କ୍ଷୁଦ୍ର ଚଳଚ୍ଚିତ୍ରର ମାର୍କେଟିଂ ଏବଂ ବିତରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ଉନ୍ନତ ପ୍ରଦର୍ଶନର ଆବଶ୍ୟକତା ଉପରେ ଆଲୋକପାତ କରି ସେ କହିଛନ୍ତି, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ଉନ୍ନତ ପ୍ଲାଟଫର୍ମ ରହିବା ଦରକାର। ମିଡିଆ ଏଂଟରଟେନମେଂଟ ଆଣ୍ଡ ସ୍କିଲ କାଉନସିଲର ସିଇଓ ମୋହିତ ସୋନି ଉଦୀୟମାନ ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପରାମର୍ଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଚଳଚ୍ଚିତ୍ର ନିର୍ମାଣରେ ଅଧିକ ଶିକ୍ଷାନୁଷ୍ଠାନ ଓ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ଆହ୍ୱାନ ଦେଇଥିଲେ। ସୋନି କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଓଟିଟି ପ୍ଲାଟଫର୍ମ ପାଇଁ ମଧ ପରାମର୍ଶ ଦେଇଥିଲେ ଏବଂ ଅଧିକ ସୃଜନଶୀଳ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଡ଼ କରିବା ପାଇଁ ରାଜସ୍ୱ ସୃଷ୍ଟି କରିବା ପାଇଁ ବାଣିଜ୍ୟିକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଆକର୍ଷଣୀୟ ଅଧିବେଶନକୁ ବିଶିଷ୍ଟ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ପଙ୍କଜ ସକ୍ସେନା ପରିଚାଳନା କରିଥିଲେ। ପ୍ୟାନେଲ୍ ଏକ ପ୍ରେରଣାଦାୟକ ନୋଟରେ ଶେଷ ହୋଇଥିଲା, ଯାହା ସମସ୍ତ ଆଶାୟୀ ଚଳଚ୍ଚିତ୍ର ନିର୍ମାତାଙ୍କୁ ସେମାନଙ୍କ ସ୍ୱପ୍ନର ପ୍ରକଳ୍ପଗୁଡ଼ିକୁ ଜୀବନ୍ତ କରିବାକୁ ଉତ୍ସାହିତ କରିଥିଲା। ଆଲୋଚନା ସରିବା ପରେ ସାମୂହିକ ଭାବନା ସ୍ପଷ୍ଟ ଥିଲା: ‘ମୋ ଭିତରେ ଏକ ଚମତ୍କାର ଚଳଚ୍ଚିତ୍ର ଅଛି, ଯାହାକୁ ମୁଁ କେବେ ବି ତିଆରି କରି ଉପସ୍ଥାପନ କରିନାହିଁ। ପ୍ୟାନେଲ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ସେମାନଙ୍କର ଅନନ୍ୟ ଏବଂ ରୋମାଞ୍ଚକର କାହାଣୀକୁ ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି, ତାଙ୍କର ବିଶ୍ୱାସ ରହିଛି ଏହି କାହାଣୀଗୁଡିକ ସେମାନଙ୍କର ଦର୍ଶକମାନେ ଦେଖିବାକୁ ପାଇବେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ମହାସମାରୋହରେ ପାଳିତ



ଭଦ୍ରକ, ୨୧/୬ (ନି.ପ୍ର): ଆମ ଦେଶ ଭାରତ ତାର ନିଜର ଯେଉଁ ସଂସ୍କୃତି, ଐତିହ୍ୟ, ପରମ୍ପରା କୁ ନେଇ ସାରା ବିଶ୍ୱ ଆଗରେ ବିଶ୍ୱ ଗୁରୁ ଭାବେ ଉଭା ହୋଇଛି ସେ ଆଧାର ମଧ୍ୟରେ ଯୋଗ ହେଉଛି ଏକ ଅବିଚ୍ଛେଦ୍ୟ ଅଙ୍ଗ। କାହିଁ କେଉଁ କାଳରୁ ଆମ ମାଟି ସହ ଜଡ଼ିତ ଥିବା ଏହି ଯୋଗକୁ ଆପଣେଇ ମୁନିଋଷି ମାନେ ସୁସ୍ଥ, ଦୀର୍ଘଜୀବି ହୋଇପାରୁଥିଲେ। ଯୋଗ ମାଧ୍ୟମରେ ବିନା ମୂଲ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ମିଳେ। ଯୋଗ ସମସ୍ତଙ୍କ ପାଇଁ ସକରାତ୍ମକ ମନୋଭାବ ଆଣିଥାଏ। ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ୨୦୨୪ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ନିଜ ନିଜ ବକ୍ତବ୍ୟ ଜରିଆରେ ଯୋଗର ଉପକାରୀତା, ଆଜିର ଆଧୁନିକ ଜୀବନଶୈଳୀରେ ଯୋଗର ଆବଶ୍ୟକତା ନେଇ ଉପସ୍ଥିତ ଅଂଶଗ୍ରହଣକାରୀଙ୍କ ଉଦ୍ଦେଶ୍ୟରେ ଏହିପରି ଅନେକ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ ଓ ଯୋଗାଭ୍ୟାସ ପ୍ରଦର୍ଶନରେ ଅତିଥିମାନେ ଅଂଶ ଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ନେହେରୁ ଷ୍ଟାଡ଼ିୟମ୍ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ.ପି. ବରୁଣ୍ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ସମ୍ପିତ କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୋଗ ଦିବସ ପାଳନ ଉତ୍ସବରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଆଦି ୫୦୦ ରୁ ଉର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ର ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଅନୁପାଳନ ଆଧାରରେ ସକାଳେ ଯୋଗଗୁରୁ ମାନଙ୍କ ପ୍ରଦର୍ଶନ ଅନୁଯାୟୀ ବିଭିନ୍ନ ଆସନ, ପ୍ରାଣାୟାମ୍, ପ୍ରାର୍ଥନା, ଶାନ୍ତିପାଠ, ଶପଥପାଠ ଏକଘଣ୍ଟା ମଧ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆୟୋଜନ ପରିଚାଳନାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଗଡ଼ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିବା ସହିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସକାଳ ୬ ଟାରୁ ଏଥିପାଇଁ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ଼େପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା ଉଦ୍‌ଘୋଷିକା ଦାୟିତ୍ୱ ନିଭାଇ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ତନ୍ମିତା କର, ବିଭାଗୀୟ ଓ.ଏସ୍.ଡ଼ି. ରମେଶ ମହାନ୍ତି, ପ୍ରାକ୍ତନ କ୍ରୀଡ଼ାଧିକାରୀ ପଦ୍ମନ ରାୟ ଏହି କାର୍ଯ୍ୟ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଯୋଗଗୁରୁ ହିସାବରେ ସଂଜୀବ ନାୟକ, ଧରଣୀଧର କର, ଆରତୀ ପାଣିଗ୍ରାହୀ, ସୁରେଶ ନାୟକ ପ୍ରମୁଖ ଯୋଗ ପ୍ରଦର୍ଶନ କାର୍ଯ୍ୟ ପରିଚାଳନା କରିଥିଲେ। ଡେପୁଟୀ କଲେକ୍ଟର ଖଗେଶ୍ୱର ବରାଳ, ଅକ୍ଷୟ ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ଚିତ୍ତରଞ୍ଜନ ସେଠୀ, ଜୟନ୍ତ ସୋରେନ୍ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ରୋଟାରୀ କ୍ଲବ, ମିଡ଼୍‌ଟାଉନ୍ ଓ ଲାୟନ୍ସ କ୍ଲବ୍ ଭଦ୍ରକ ତରଫରୁ ଥଣ୍ଡା ପାନୀୟ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା।

## ନୀଳମଣି କଲେଜରେ ଆନ୍ତର୍ଜାତୀୟ ଯୋଗ ଦିବସ

ବସ୍ତା , ୨୧/୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଜାତୀୟ ସବୁଜ ବାହିନୀର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ପିଙ୍ଗୁାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ଯୋଗ ବିଶେଷଜ୍ଞ ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପିକା ନୀଳିମା ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ପ୍ରମିଳା ନାୟକ ଯୋଗ ଦେଇ ଯୋଗ ମାନସିକ ସ୍ଥିରତା ଓ ଏକାଗ୍ରତା ଆଣିବାରେ ସହାୟକ ହେବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି ସୂଚନା ପ୍ରଦାନ କରିଥିଲେ । ଯୋଗ ହେଉଛି ମାନବର ଜୀବନ ଶୈଳୀ ଓ ଲକ୍ଷ୍ୟସ୍ଥଳୀରେ ପହଞ୍ଚିବା ନିମିତ୍ତ ଏକ ମାଧ୍ୟମ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଡଃ ଆରୁଣୀ ମିଶ୍ର, ଅଧ୍ୟାପିକା କାବେରୀ ସାହୁ ଓ ହେମନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛବିତା ବେହେରା, ଅଶୋକ ମଢୁଆଳ, ବିକାଶ କୁମାର ମହାପାତ୍ର, ସନ୍ଧ୍ୟାସ୍ମିତା ପ୍ରଧାନ, ବୀଣାପାଣି ଗିରି, ଯଜ୍ଞେଶ୍ୱର ଗିରି, ଅର୍ଚ୍ଚିତା ବେଜ, କାଜଲ ସିଂ, ଉର୍ମିଳା ନାୟକ, ଇଶ୍ମିତା ଜେନା, ବବିତା ନାୟକ, ପୂଜା ପ୍ରଧାନ, ଓ ଓମବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଶ୍ରବଣ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୪ ପାଳିତ



ବାଲେଶ୍ୱର, ୨୧/୬ (ନି.ପ୍ର): ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୪ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ପୋଲିସ ରିଜର୍ଭ ପଡିଆଠାରେ ସାମୁହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଯାଇଛି ।ଶହ ଶହ ସଂଖ୍ୟାରେ ବିଭିନ୍ନ ବୟସର ଲୋକ ଏହି ଯୋଗ ପ୍ରଦର୍ଶନୀରେ ଯୋଗ ଦେଇ ଥିଲେ। ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ ଦତ୍ତ, ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ଉପସ୍ଥିତ ରହି ଅନ୍ୟମାନଙ୍କ ସହ ଯୋଗାସନ କରିଥିଲେ । ସମଗ୍ର ବିଶ୍ୱରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ବ୍ୟାପକ ଆୟୋଜନ କରିଥିଲା । ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସରକାରୀ/ବେସରକାରୀ ସଂସ୍ଥାର କର୍ମଚାରୀ ତଥା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ମନ୍ତ୍ର ଉଚ୍ଚାରଣ ପରେ ପରେ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ପଦ୍ମାସନ, ତାଡାସନ, ଭୁଜଙ୍ଗାସନ ଓ ସୂର୍ଯ୍ୟ ନମସ୍କାର ଭଳି ବିଭିନ୍ନ ଯୋଗସନ କରାଯାଇ ସେସବୁର ଆମ ଶରୀର ପାଇଁ ଥିବା ଉପାଦେୟତା ବାବଦରେ ସୂଚନା ଦିଆଯାଇଥିଲା । ପରିଶେଷରେ ଶପଥପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟର ସମସ୍ତ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସ ଅନୁଷ୍ଠିତ

ଭୁବନେଶ୍ୱର, ୨୧/୬ (ନି.ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମାନସିକ ଏବଂ ଶାରିରୀକ ସ୍ତରରେ ସୁସ୍ଥ ରହିବା ପାଇଁ ଭାରତୀୟ ସଂସ୍କୃତିର ମହାନ ଉଦ୍ଭାବନ ଯୋଗକୁ ସାରା ବିଶ୍ୱରେ ଯୋଗ ଦିବସ ମାଧ୍ୟମରେ ପହଂଚାଇ ପାରିଛି। ଅନ୍ତର୍ଜାତୀୟ ଯୋଗ ଦିବସର ମହତ୍ୱକୁ ଉପଲବ୍ଧି କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆନୁକୁଲ୍ୟରେ ୫୦ହଜାରରୁ ଅଧିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଛନ୍ତି ଏବଂ ଯୋଗ କିପରି ଆମକୁ ସୁସ୍ଥ ଓ ନିରୋଗ ରଖିବା ସହିତ ମାନସିକ ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣରେ ରଖୁଛି ସେ ଉପରେ ମଧ୍ୟ ଶିକ୍ଷା ଗ୍ରହଣ କରିଛନ୍ତି । ରାଜ୍ୟର ସମସ୍ତ ବିଦ୍ୟାଳୟ ପରି ନବରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବାବେଳେ ଯୋଗ ର ମହତ୍ୱ ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୨୧/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୁଲ୍ୟରେ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ବୈଠକ ଆଜି ପୂର୍ବାହ୍ଣରେ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀ ପଦ୍ମଲୋଚନ ପଣ୍ଡା, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ ପାତ୍ର, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ ଦତ୍ତ, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ସୋର ବିଧାୟକ ଶ୍ରୀ ମାଧବ ଧଡ଼ା, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଏନଏସି ଅଧ୍ୟକ୍ଷ/ଅଧ୍ୟକ୍ଷା ଯୋଗ ଦେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବାବଦରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ବାସ୍ତବିକତାର ଦୃଷ୍ଟିକୋଣରୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡିଶା ଯେଉଁ ମାନକ ସ୍ଥିର କରିଛି ତାହା ସବୁ ପରିସ୍ଥିତିରେ ବଜାୟ ରଖିବା ଜରୁରୀ ବୋଲି ସେ କହିଥିଲେ। ଯୋଗଦେଇଥିବା ଜନ ପ୍ରତିନିଧୀମାନେ ନିଜ ନିଜ ଅଞ୍ଚଳର ବପିର୍ଯ୍ୟୟ ଜନିତ ଅଭାବ ଅସୁବିଧା ବାବଦରେ ପ୍ରଶାସନର ପ୍ରସ୍ତୁତି ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାହାର ସମାଧାନ ଦିଗରେ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତର ଏବଂ ବ୍ଲକ କାର୍ଯ୍ୟାଳୟସ୍ତରରେ କଂଟ୍ରୋଲରୁମର କାର୍ଯ୍ୟକାରିତା, ବିଭିନ୍ନ ନଦୀବନ୍ଧ ମରାମତି, ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସହରାଞ୍ଚଳର ଡ୍ରେନେଜ ସଫେଇ, ଦୁର୍ଗମ ଅଞ୍ଚଳରେ, ଖାଦ୍ୟ, ଔଷଧ, ପାନୀୟଜଳ ଆଦି ମହଜୁଦ ରଖିବା ଏବଂ ପହଞ୍ଚାଇବାର ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରତ୍ୟକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ପିଆରଆଇ ମାନଙ୍କୁ ସଠିକ ଭାବେ ଉପଯୋଗ କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଆଶ୍ରୟସ୍ଥଳୀ ଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲାପାଳ ସମସ୍ତ ତହସିଲଦାର ଓ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ, ସାଧାରଣ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ତଥା ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜର ବିପିର୍ଯ୍ୟୟ ପ୍ରସ୍ତୁତିର ଏକ ସଂପୂର୍ଣ ବିବରଣୀ ରଖିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ପୁନଶ୍ଚ ବିଶେଷ ଭାବେ ବିଭିନ୍ନ ଦିଗ ଉପରେ ବୈଠକ ଆହ୍ୱାନ କରାଯିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀମତୀ ଶୁଭଶ୍ରୀ ରଥ, ସମସ୍ତ ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଯୋଗରେ ଯୋଡ଼ି ....

କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆରେ ପାଳିତ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମଲ ହୋଇ ଅନ୍ୟମାନଙ୍କ ସହ ଯୋଗ କରିଥିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ଯୋଗ ସହ ବ୍ୟକ୍ତି ନୁହଁନ୍ତି ଯୋଡ଼ି ହୋଇଥିଲେ ଅଗଣିତ ଅନୁଷ୍ଠାନ। ଦେଶର ସୁରକ୍ଷା ଦାୟିତ୍ୱରେ ଥିବା ତିନି ସେନାର ଯବାନଙ୍କୁ ବି ଆଦି ଦିନରେ ଯୋଗମୁଦ୍ରାରେ ଦେଖିବାକୁ ମିଳିଥିଲା। ନୌସେନାର ବୁଡ଼ା ଜାହାର ଆଇଏନଏସ୍ ବିକ୍ରମାଦିତ୍ୟ ଉପରେ ଯୋଗ ପ୍ରଦର୍ଶନ କରିଥିଲେ ନୌସେନାର ଯବାନ। ଜମ୍ମୁ କଶ୍ମୀରର ଲେହ ଓ ଲଦଖସ୍ଥିତ ୧୫ହଜାର ଫୁଟ୍ ଉଚ୍ଚତାରେ ବରଫ ପାହାଡ଼ ଉପରେ ଯୋଗ ମୁଦ୍ରାରେ ବସିଥିଲେ ଆଇଟିବିପିର ଯବାନ। ୱାଘା-ଅଟ୍ଟାରୀ ସୀମାରେ ବିଏସଏଫ୍ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଥିଲା। ଆଜିକୁ ୧୦ ବର୍ଷ ହେବ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରି ଆସୁଛି ସାରା ବିଶ୍ୱ। ଚଳିତ ବର୍ଷ ଯୋଗ ଦିବସର ଥିମ୍ ରହିଛି ସ୍ୱୟଂ ଓ ସମାଜ ପାଇଁ ଯୋଗ। ଏହି ଅବସରରେ ସୁସ୍ଥ ଓ ନିରାମୟ ଜୀବନ ଲାଗି ଯୋଗର ଆବଶ୍ୟକତାକୁ ଉପଲବ୍ଧି କରିପାରିଛି ସମଗ୍ର ବିଶ୍ୱ।

### ଆଜି ଦାରୁ ଦିଅଁଙ୍କ....

ଅପରାହ୍ନ ୩ ଟାରେ ଛେରା ପହଁରା ପରେ ୩ଟା ୪୦ରୁ ହାତୀବେଶ ଆରମ୍ଭ ହେବ। ସନ୍ଧ୍ୟା ୭ଟା ୩୦ରୁ ରାତି ୧୦ଟା ୩୦ ଯାଏଁ ସାହାଣ ମେଳା ଦର୍ଶନ ପାଇଁ ସମୟ ଧାର୍ଯ୍ୟ ହୋଇଛି। ଦର୍ଶନ ସରିବା ପରେ ରାତି ୧୧ଟାରେ ହାତୀବେଶ ଓଲାଗି ହୋଇ ସାଢ଼େ ୧୧ଟାରୁ ୨ ମଧ୍ୟରେ ବାହୁଡ଼ା ପହଣ୍ଡି କରାଯିବ। ସ୍ନାନ ନୀତି ପାଇଁ ଆଜି ସୁନା କୂଅରୁ ସଂଗୃହିତ ଜଳକୁ ଅଧିବାସ ଗୃହରେ ରଖାଯାଇଛି। ଗରାବଡୁ ସେବକମାନେ ଏହାକୁ ସ୍ନାନବେଦୀକୁ ଆଣିବା ପରେ ପଞ୍ଚଉପଚାର ବିଧିରେ ଠାକୁରମାନଙ୍କୁ ଲାଗି କରାଯିବ। ଶ୍ରୀଜିଉଙ୍କ ଦୁର୍ଲଭ ସ୍ନାନ ଉତ୍ସବର ସାନିଧ ନେବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଲକ୍ଷାଧିକ ଭକ୍ତ। ଆସନ୍ତାକାଲି ଦେବସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀକ୍ଷେତ୍ରରେ ଲାଗିଲାଣି ଗହଳି। ଏବର୍ଷ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ହୋଇଛି ବ୍ୟାପକ ବନ୍ଦୋବସ୍ତ। ପହଣ୍ଡି ସମୟରେ ଠାକୁରଙ୍କୁ ସ୍ପର୍ଶ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏଥର ମାର୍କେଟ ଛକଠୁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ସେଠୁ ବ୍ୟାରିକେଡରେ ଭକ୍ତମାନେ ପ୍ରବେଶ କରି ସିଂହଦ୍ୱାର ବାଟ ଦେଇ ସ୍ନାନବେଦୀକୁ ଦର୍ଶନ ପାଇଁ ଯିବେ। ପହଣ୍ଡି ସମୟରେ ଟିକେଟ୍ ଧାରୀ ଭକ୍ତ ଦକ୍ଷିଣ ଦ୍ୱାରରେ ପ୍ରବେଶ କରିବେ। ମାର୍କେଟ ଛକରୁ ଆଗକୁ ନୋ-ଭେଇକିଲ୍ ଜୋନ୍ ଘୋଷଣା ହୋଇଛି। ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରରୁ ଆସୁଥିବା ଯାନ ଗୁଡ଼ିକ ବୀରହରେକୃଷ୍ଣପୁର ବାଟ ଦେଇ ଶ୍ରୀସେତୁ ଉପରେ ଜଗନ୍ନାଥ ବଲ୍ଲଭ ପାର୍କିଂକୁ ଯିବେ। ଆଇନଶୃଙ୍ଖଳା, ସୁରକ୍ଷା ପାଇଁ ଏଥର ୪ ଜଣ ଏସପି ରାଙ୍କ ଅଫିସର, ୧୨ ଜଣ ଅତିରିକ୍ତ ଏସପି, ୨୨ଜଣ ଡିଏସପିଙ୍କ ସହ ୬୮ ପ୍ଲାଟୁନରୁ ଅଧିକ ଫୋର୍ସ ମୁତୟନ ହେବେ। ପୁଲିସ୍ ପକ୍ଷରୁ ୧୧୨ ନମ୍ବରରେ ଏକ ହେଲପ୍ ଲାଇନ୍ ମଧ୍ୟ ଜାରି ହୋଇଛି। ସେପଟେ ସମୁଦ୍ର ସ୍ନାନ ଅଘଟଣ ରୋକିବାକୁ ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫଗାର୍ଡଙ୍କୁ ମୁତୟନ କରାଯାଇଛି ବୋଲି ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି। ତେଣେ ମହାପ୍ରଭୁଙ୍କ ହାତୀବେଶ ପାଇଁ ରାଘବ ଦାସ ଓ ଗୋପାଳତୀର୍ଥ ମଠ ପକ୍ଷରୁ ସାମଗ୍ରୀ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକର୍ପିତ ହେବା ପରେ ପୂର୍ବ ବର୍ଷମାନଙ୍କ ଅପେକ୍ଷା ଏଥର ସ୍ନାନଯାତ୍ରାକୁ ଅଧିକ ସଂଖ୍ୟକ ଭକ୍ତ ଆସିବା ଅନୁମାନ କରାଯାଉଛି।

### ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ୍ ନୁହେଁ ...

ଯୋଗ ଦେବାକୁ ଆଜି ନୂଆଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବେ ସ୍ନାନ ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ବଦଳରେ ଶ୍ରୀ ସିଂହଦେଓ ଦିଲ୍ଲୀରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ । ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ବିଜେଡି ସରକାର ଫେବୃୟାରୀ ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୪ମାସିଆ ଲେଖାନୁଦାନ(କାମଚଳା ବଜେଟ) ଉପସ୍ଥାପିତ କରିଥିଲେ । ଏହି କାମଚଳା ବଜେଟର ଅବଧି ଜୁଲାଇ ୩୧ରେ ଶେଷ ହେଉଥିବାରୁ ତା'ପୂର୍ବରୁ ବିଧାନସଭାରେ ଆଉ ଏକ କାମଚଳା ବଜେଟକୁ ବିଜେପି ସରକାରଙ୍କୁ ଗୃହୀତ କରାଇବାକୁ ପଡ଼ିବ ।

### ଲାଞ୍ଚ ନେଇ...

ଏଆରଆଇ ପଞ୍ଚାନନ ଡାଙ୍ଗଙ୍କ ମାଧ୍ୟମରେ ନିତ୍ୟାନନ୍ଦଙ୍କଠାରୁ ଲାଞ୍ଚ ଅର୍ଥ ନେଉଥିବା ବେଳେ ଧରିଥିଲା ଭିଜିଲାନ୍ସ। ଉଭୟ ଆରଆଇ ଓ ଏଆରଆଇଙ୍କୁ ଭିଜିଲାନ୍ସ ଗିରଫ କରି ସୋନପୁର ଭିଜିଲାନ୍ସ ଅଫିସକୁ ନେଇ ଅଧିକ ତଦନ୍ତ କରୁଛି। ଆଜିର ଏହି ଚଢ଼ାଉରେ ଉଭୟ ସୋନପୁର ଓ ବଲାଙ୍ଗୀର ଭିଜିଲାନ୍ସ ବିଭାଗର କର୍ମଚାରୀ ସାମିଲ ଥିଲେ।

### ନିର୍ବାଚନ କମିଶନରଙ୍କ...

ନିକଟରୁ ପତ୍ର ପାଇ ସାରିଛି। ଜୁଲାଇ ୧୯ ତାରିଖ ପରେ ଏଥିନିମନ୍ତେ ତାରିଖ ନିର୍ଦ୍ଧାରିତ ହେବ । ଏଥିରେ କାହାକୁ କୌଣସି ଅସୁବିଧା ହେବା ଉଚିତ ନୁହେଁ, କାରଣ ମୁଁ ମୋ' ଅଧିକାର ପାଇଁ ଲଢୁଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, କିଛି ଲୋକ ଶାସନ ବ୍ୟବସ୍ଥାକୁ ନିଜ ପରିବାରର ଜାଗିରଦାରୀ ଭାବନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ସେମାନେ ଭୁଲି ଯାଉଛନ୍ତି। ଏଠାରେ ଜନାଦେଶକୁ ସମ୍ମାନ ଦେବା ପ୍ରତି ନିର୍ବାଚିତ ଓ ପରାଜିତ ପ୍ରାର୍ଥୀଙ୍କ ଦାୟିତ୍ୱ। ମାତ୍ର କିଛି ପ୍ରାର୍ଥୀ ଜନାଦେଶକୁ ଗ୍ରହଣ କରି ପାରନ୍ତି ନାହିଁ। ଜନାଦେଶକୁ ଗ୍ରହଣ କରିବା ଶିଖନ୍ତୁ, କାରଣ ଏଠାରେ ପରିବାର ରାଜନୀତିର ସମାପ୍ତ ହୋଇଛି। ମାତ୍ର ସେମାନେ ସେ ମାନସିକତାରୁ ବାହାରି ପାରୁ ନାହାନ୍ତି। ନିର୍ବାଚନ କମିଶନରଙ୍କ ନଜରରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏହି ଗଣତି ହୋଇଥିବା ବେଳେ ସିସିଟିଭିରେ ଏହା କଏଦ ହୋଇଛି। ଏଥିସହ ତାଙ୍କ ଏଜେଣ୍ଟ ସବୁ ଡକ୍ୟୁମେଣ୍ଟଣେ ଦସ୍ତଖତ ମଧ୍ୟ କରିଛନ୍ତି। ଏବେ ସେ ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିବାରୁ ତାହା ସ୍ୱାଗତଯୋଗ୍ୟ।

### ପିସିସି ସଭାପତି ...

ଗୋଷ୍ଠୀର ଯୁବକମାନେ ହଠାତ୍ ତାଙ୍କ ଚ୍ୟାମ୍ବରକୁ ପଶି ଆସିଥିଲେ। ପିସିସି ସଭାପତିଙ୍କ ଉପରେ ଯୁବକମାନେ କାଳିମାଡ଼ କରିଥିଲେ ଓ ପରେ ସେଠାରୁ ପଳାଇ ଯାଇଥିଲେ। ଘଟଣାପରେ କଂଗ୍ରେସର ବରିଷ୍ଠ ନେତାମାନେ କଂଗ୍ରେସ ଭବନରେ ପହଞ୍ଚି ପସିସି ସଭାପତିଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ତେବେ କେଉଁ କାରଣ ପାଇଁ ପିସିସି ସଭାପତିଙ୍କୁ କାଳିମାଡ଼ କରାଗଲା ତାହା ଜଣାପଡ଼ିନାହିଁ। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଛାତ୍ର ଜୀବନରୁ ମୁଁ ରାଜନୀତି କରି ଆସିଛି। ଏହି ସମୟ ଭିତରେ ରାଜନୀତିରେ ଉତ୍‌ଥାନ ଓ ପତନ ଦେଖିଛି। ରାଜନୀତିରେ ଏପରି ହୁଏ। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ସରକାରଙ୍କ ବିରୋଧରେ କିଛି କାର୍ଯ୍ୟକ୍ରମ କରାଯିବାର ଅଛି।ଏଥିପାଇଁ କିଛି ଦୁର୍ବୃତ୍ତମାନେ ଆସି ଏପରି କାଣ୍ଡ କରିଛନ୍ତି। ଭଗବାନ ସେମାନଙ୍କୁ ସଦ୍‌ବୃଦ୍ଧି ଦିଅନ୍ତୁ। ସେ ଆହୁରି କହିଛନ୍ତି, କଂଗ୍ରେସକୁ ଦବେଇବାକୁ ଚେଷ୍ଟା କଲେ ଦବାଇ ହେବ ନାହିଁ। ଲଢ଼େଇ ନିଶ୍ଚିତ ହେବ। ଆମେ କାହାକୁ ଚିହ୍ନିନାହୁଁ। ପୁଲିସ ସେମାନଙ୍କୁ ଚିହ୍ନଟ କରିବ। କଂଗ୍ରେସ ଦଳକୁ ଭୟଭୀତ କରିବା ପାଇଁ ଏପରି କରାଯାଇଛି। ମୁଁ ଲଢ଼େଇ କରିବି। କୌଣସି ପରିସ୍ଥିତିରେ ମୋତେ କେହି ଦବାଇ ପାରିବେ ନାହିଁ। ଓଡ଼ିଶାମାଟି ପାଇଁ ଲଢ଼େଇ କରିବି, ମୋତେ କେହି ଅଟକାଇ ପାରିବେ ନାହିଁ। କଂଗ୍ରେସ ଆହୁରି ମଜଭୁତ ହେବ। କଂଗ୍ରେସର ଜଣେ କର୍ମୀ କହିଛନ୍ତି, ଏହା ନିନ୍ଦନୀୟ ଘଟଣା। ଯେଉଁମାନେ କାଳିମାଡ଼ କରିଛନ୍ତି ଆମେ ତାଙ୍କୁ ଜାଣିନାହୁଁ।

### ହାଇକୋର୍ଟ ଗଲେ....

ବିଷୟରେ ତଥ୍ୟ ଲୁଚାଇବା ସହ ନିଜର ସ୍ଥାବର/ଅସ୍ଥାବର ସମ୍ପତ୍ତିର ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ପୂର୍ବରୁ ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଅଣଦେଖା କରାଯାଇଥିବା ଦିଲ୍ଲୀପ ଆବେଦନରେ ଦର୍ଶାଇଛନ୍ତି। ନାମାଙ୍କନ ପତ୍ରରେ ଭୁଲ କିମ୍ବା ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ସାରଦାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ତାଙ୍କ ବିଧାୟକ ପଦ ରଦ୍ଦ କରିବା ପାଇଁ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି ଦିଲ୍ଲୀପ ରାୟ। ସୂଚନାରୁ ପ୍ରକାଶ, ଗତ ସାଧାରଣ ନିର୍ବାଚନରେ ରାଉରକେଲା ନିର୍ବାଚନମଣ୍ଡଳୀରେ ବିଜେପିର ଦିଲ୍ଲୀପ ରାୟଙ୍କୁ ବିଜେଡିର ସାରଦା ନାୟକ ପରାସ୍ତ କରିଛନ୍ତି।

### ମିଳିଲାନି ଆଶ୍ୱସ୍ତି....

ବୋଲି କହି ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଏହି ସମୟରେ କେଜ୍ରିୱାଲଙ୍କ ଜାମିନକୁ ବିଭିନ୍ନ ଯୁକ୍ତି ଉପସ୍ଥାପନ କରି ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ବିରୋଧ କରିଥିଲେ। ନିମ୍ନ ଅଦାଲତ ତାଙ୍କ ପକ୍ଷ ଉପସ୍ଥାପନ କରିବାକୁ ଉପଯୁକ୍ତ ସୁଯୋଗ ଦେଇ ନଥିବା ସେ କହିଥିଲେ। ତଳ କୋର୍ଟ କେଜ୍ରିୱାଲଙ୍କ ବିରୋଧରେ ପ୍ରମାଣ ଦାଖଲ କରିବାରେ ଇଡି ବିଫଳ ହୋଇଥିବା କହିବା ସହ ପୂର୍ବାଗ୍ରହ ରଖି କାର୍ଯ୍ୟାନୁଷ୍ଠାନ ହୋଇଥିବା ଭଳି ମନେ ହେଉଛି ବୋଲି ନିଜ ରାୟରେ କହିଥିଲେ। ହେଲେ ଆଜି ହାଇକୋର୍ଟରେ ଏସ୍‌ଭି ରାଜୁ ପୁଣିଥରେ ଅବକାରୀ ନୀତି ସହ ଜଡ଼ିତ ପୁରୁଣା ତଥ୍ୟ ସବୁ ଉପସ୍ଥାପନ କରିଥିଲେ। କେଜ୍ରିୱାଲଙ୍କ ବିରୋଧରେ ୪୫ କୋଟି ଟଙ୍କାର ନେଣଦେଣ ନେଇ ପ୍ରମାଣ ରହିଥିବା ସେ କହିଥିଲେ। ହେଲେ ଏହାକୁ ଅଭିଷେକ ମନୁ ସିଙ୍ଘଭୀ ବିରୋଧ କରିଥିଲେ। ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ଲୋକଙ୍କ ବୟାନ ଆଧାରରେ ପୂରା ମାମଲା ହୋଇଥିବା ସେ କହିଥିଲେ। ଉଭୟ ପକ୍ଷରୁ ଶୁଣିବା ପରେ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଏଥିରେ କେଜ୍ରିୱାଲଙ୍କୁ ନିରାଶ ହେବାକୁ ମଧ୍ୟ ପଡ଼ିଛି।

## କଳାହାଣ୍ଡି ହେଉଛି ଡିପଥେରିଆ ସଂକ୍ରମଣର ଉତ୍ସ

ଭୁବନେଶ୍ୱର, ୨୧/୬ (ନି.ପ୍ର): ରାୟଗଡ଼ା ନୁହେଁ, କଳାହାଣ୍ଡି ହେଉଛି ରାଜ୍ୟରେ ଡିପଥେରିଆ ସଂକ୍ରମଣର ଉତ୍ସ। କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଂଚଳରୁ ସଂକ୍ରମଣ ବ୍ୟାପିଛି। ମାନୁଷପଦରରୁ ଜଣେ ବ୍ୟକ୍ତି ଇନ୍ଦ୍ରାବତୀକୁ ଯାଇଥିଲେ। ସେ ସେଠାରୁ ସଂକ୍ରମିତ ହୋଇ ମାନୁଷପଦର ଫେରିବା ପରେ ରାଜ୍ୟରେ ଡିପଥେରିଆ ସଂକ୍ରମଣ ବ୍ୟାପିଛି । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡାକ୍ତର ସଂଯୁକ୍ତା ସାହୁ ଡିପଥେରିଆ ସଂକ୍ରମଣ ନେଇ ଏହି ସୂଚନା ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି

# ଶାଳଗାଁଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ

ବଡ଼ସାହି , ୨୧/୬ (ନି.ପ୍ର): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ , ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଓ 'ସଂକଳ୍ପ ' ର ମିଳିତ ଆନୁକୂଲ୍ୟରେ ବଡ଼ସାହି ବ୍ଲକର ଶାଳଗାଁ ଠାରେ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରମୋଶନ ସଚେତନତା ଓ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ସହିତ ମଞ୍ଚସିନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଆନୁଷ୍ଠାନିକ ଭାବେ ସ୍ଥାନୀୟ ସରପଞ୍ଚ ତଥା କମିଟିର ସଭାପତି କାର୍ତ୍ତିକେଶ୍ୱର ସିଂ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ସାହି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନଜା ଦାସ , ମୁଖ୍ୟ ବକ୍ତା ଭାବେ ତହସିଲଦାର ପତିତପାବନ ଦେବତା , ନିରୀକ୍ଷକ ଉଝଙ୍ଗ ବାରିପଦାର ଅନାଦି ଚରଣ ସେଠୀ, ସଂମାନନୀୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ବନିତା ରାଣୀ କିସ୍କୁ, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ରିନାରାଣୀ ମହାପାତ୍ର ,ନୋଡାଲ ଅଫିସର ଇରଙ୍ଗ ଲକ୍ଷ୍ମଣ ମାଝୀ, ମାର୍କେଟିଂ ଇନ୍ସପେକ୍ଟର ଅଶୋକ କୁମାର ବେହେରା, ପଞ୍ଚାୟତ ସମିତି ସଭ୍ୟ ବିସମ୍ବର ବେହେରା, ଓଡ୍ରାଫ ଟିମ ର ହାବିଲଦାର ଦିଲ୍ଲୀପ କୁମାର ରାଉତ ,ପଶୁସମ୍ପଦ ବିଭାଗର ଭିଟି ଚନ୍ଦ୍ରମୋହନ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହାକୁଡ଼ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଓଡ୍ରାଫ ଟିମ ତରଫରୁ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ମୁକାବିଲା କରିବା ପାଇଁ କମିଟିର କର୍ମ କର୍ତ୍ତା ଓ ସ୍ଥାନୀୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଓ ଜନସାଧାରଣ ମାନେ କିଭଳି ପଦକ୍ଷେପ ଅବଲମ୍ବନ କରିବେ, ଉଦ୍ଧାର ଓ ଆଶୁଚିକିତ୍ସାର ବିଭିନ୍ନ ପ୍ରକାର କୌଶଳମାନ ପ୍ରଦର୍ଶନ କରାଇଥିଲେ।ଏଥିରେ ଗ୍ରାମର ଅଙ୍ଗନବାଡ଼ି କର୍ମୀ,ଆଶା କର୍ମୀ, ଯୁବଗୋଷ୍ଠୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମଟି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ସମିତି ସଭ୍ୟ ଚୈତନ୍ୟ ସିଂ,କାଳିଚରଣ ସିଂ ,ପଞ୍ଚାୟତ ଏ ଡି ଇ ଓ ମାନସ କୁମାର ସାହୁ,ଯୋଗାଣ ସହାୟକ ସତ୍ୟରଞ୍ଜନ ମହାନ୍ତି ଓ କମିଟିର ସଦସ୍ୟଙ୍କ ସକ୍ରିୟ ସହଯୋଗରେ ପରିଚାଳିତ ହୋଇଥିଲା।

# କବି ପ୍ରଭାତ ନଳିନୀଙ୍କ ପୁସ୍ତକ ଲୋକାର୍ପଣ



ଭୁବନେଶ୍ୱର, ୨୧/୬ (ନି.ପ୍ର): ସ୍ଥାନୀୟ ୟୁନିଟ ୯ ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ପ୍ରାଙ୍ଗଣ ରେ କବି ଶ୍ରୀମତୀ ପ୍ରଭାତ ନଳିନୀ ଛୋଟରାୟ ଙ୍କ ଦୁଇଟି କବିତା ସଂକଳନ ଈଅନାଗତ ଓ ଭ୍ରମଣର ସ୍ୱର୍ଗ ଓଡିଶାଈ ଏଥେନା ବୁକ୍ସ ପ୍ରକାଶନ ସଂସ୍ଥା ତରଫରୁ ଉନ୍ମୋଚିତ ହୋଇ ଯାଇ ଅଛି। ଜୀବନର ଅନେକ ଚିତ୍ର କୁ ପର୍ଯ୍ୟଟନ, ପ୍ରେମ, ପ୍ରତୀକ୍ଷା କୁ ସଜେଇଛନ୍ତି ନିଜ ସୃଷ୍ଟିର କାନଭାସରେ ଚିତ୍ରଣ କରିଛନ୍ତି କବି ପ୍ରଭାତ ନଳିନୀ ମହୋଦୟା। ଏହି ଅବସରରେ କବି ସ୍ମୃତି ରଞ୍ଜନ ତ୍ରିପାଠୀଙ୍କ କାର୍ଯ୍ୟକ୍ରମ ସଂଚାଳନା ଓ ସଂଯୋଜନା ରେ ବରିଷ୍ଠ ଜୀବନିକାର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମହାପାତ୍ର, କବି ଅଜୟ ସ୍ୱାଇଁ, ସଂଳାପକାର ଶ୍ରୀ ରଜନୀ ରଞ୍ଜନ ଦାଶ, ଭାଷାବିତ୍ତ ଶ୍ରୀଯୁକ୍ତ ଅଖିଳ ମିଶ୍ର, କବି ମାନଗୋବିନ୍ଦ ବାରିକ, ଏଥେନା ବୁକ୍ସ ର ରାଜ କିଶୋର ସାହୁ ପ୍ରମୁଖ ଆଗାମୀ ସାହିତ୍ୟର ରୂପରେଖ ଓ ପ୍ରକାଶିତ କବିତା ସଂକଳନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କବି ଶ୍ୟାମା କିଙ୍କର ମହାନ୍ତି, ପ୍ରତିମା ମହାରଣା, ଇତିଶ୍ରୀ ପତି ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବେତନଟୀ , ୨୧/୬ (ନି.ପ୍ର): ବେତନଟୀ ଏମପିସି ହାଇସ୍କୁଲରେ ଚାରିଗୋଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗଦିବସ ଆଜି ସକାଳେ ପାଳିତ ହୋଇଯାଇଛି । ବେତନଟୀ ବ୍ଲକ ବିଡ଼ିଓ ଗୋପୀନାଥ ଖାଖାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକଅଧକ୍ଷା କୌଶଲ୍ୟା ମାଝୀଙ୍କ ସମେତ ତହସିଲଦାର ସୁରଥଚନ୍ଦ୍ର ରାଉତ, ଏମପିସି ହାଇସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ପ୍ରମୁଖ ଅତିଥି ଗଣ ଯୋଗଦାନ କରିଥିଲେ । ଯୋଗାଭ୍ୟାସ ଦ୍ୱାରା କିଭଳି ଶରୀରକୁ ସୁସ୍ଥ, ସୁନ୍ଦର ଓ ନିରୋଗ ରଖାଯାଇପାରିବା ସହିତ ମଣିଷର ମନଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ସେନେଇ ଅତିଥିଅଧିକାରୀଗଣ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହାପରେ ଯୋଗ ଶିକ୍ଷକ ଭାବେ ଯୋଗଦେଇଥିବା ଅନୁକୂଳ ପଟ୍ଟନାୟକ ଶତାଧିକ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ । ଏଥିରେ ଏମପିସି ହାଇସ୍କୁଲ ସମେତ ସାଇ ବୃନ୍ଦାବନ, ସ୍ୱାମୀ ବିବେକାନନ୍ଦ ଏବଂ ଦିବ୍ୟଜ୍ୟୋତି ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପରିଚାଳନାରେ ଏମପିସି ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ଦଶମ ଆନ୍ତର୍ଜାତିକ ଯୋଗଦିବସ ପାଳିତ

## ନାରୀ ସଶକ୍ତିକରଣ ପାଇଁ ଯୋଗ ଏକ ଆବଶ୍ୟକତା



ବାଲେଶ୍ୱର, ୨୧/୬ (ନି.ପ୍ର): ଆଜି ସିଦ୍ଧି କଲ୍ୟାଣ ମଣ୍ଡପ, ଜିଲ୍ଲାସ୍କୁଲ ରୋଡ଼ଠାରେ ଜିଲ୍ଲା ସ୍ତରୀୟ ଯୋଗ ମହୋତ୍ସବ ସମିତିର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଥିଲା । ପ୍ରାରମ୍ଭରେ ଗୀତାରାଣୀ ପୁରୀ ଯଜ୍ଞ କରିଥିଲେ। ଏଥିରେ ଅନେକ ଶ୍ରଦ୍ଧାଳୁ ଘୃତାହୁତି ଦେଇଥିଲେ । ପରେ ପରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ଶୁଭଶ୍ରୀ ରାଜ ଯୋଗ ଅଭ୍ୟାସ କରାଇଥିଲେ । ୬.୪୫ ମିନିଟ୍ ସମୟରେ ବାଲେଶ୍ୱର ଜିଲ୍ଲା କାରାଗାରର ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀମତୀ ସୁଚିତ୍ରା ଦାସ ମୁଖ୍ୟ ଅତିଥି ବାଲେଶ୍ୱର ପୌରପାଳ ସବିତା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଯୋଗ ଦିବସ ଓ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ଯୋଗ ପ୍ରଟୋକଲ ଆରମ୍ଭ କରିଥିଲେ ପ୍ର: ଜୟସ୍ମିତା ନାୟକ, ତାଙ୍କର ଘୋଷକା ଭୂମିକାରେ, ଶ୍ରୀମତୀ ସ୍ନେହଲତା ଦାସ, ଶ୍ରୀମତୀ ସରସ୍ୱତୀ ଭୋଇ, ଶ୍ରୀମତୀ ରୀତା ସାହୁ, ଶ୍ରୀମତୀ ତୃପ୍ତିଲତା ପୋଥାଳ ପ୍ରମୁଖ ସେମାନଙ୍କର ଯୋଗ କଳା ପ୍ରଦର୍ଶନ କରିଥିଲେ । ସୂର୍ଯ୍ୟ ନମସ୍କାର ପର୍ଯ୍ୟାୟରେ ଶ୍ରୀମତୀ ରୀତା ରାଉତ, ଶ୍ରୀମତୀ ଗୀତାଞ୍ଜଳୀ ପଣ୍ଡା, ଶ୍ରୀମତୀ ବିଜୟଲକ୍ଷ୍ମୀ ଜେନା ୧୧ଥର ସୂର୍ଯ୍ୟ ନମସ୍କାରର ଅଭ୍ୟାସ ସମସ୍ତଙ୍କୁ କରାଇଥିଲେ । ଏହାପରେ ନିବେଦିତା ନାୟକ ହାସ୍ୟାସନ କରାଇଥିଲେ। ବରିଷ୍ଠ ଯୋଗ ଶିକ୍ଷକ ସମ୍ମାନ ପାଇଁ ବିବେଚିତ ହୋଇଥିବା ବିବେକାନନ୍ଦ କେନ୍ଦ୍ରର ଶ୍ରୀ ପ୍ରେମାନନ୍ଦ ଗିରି, ପତଞ୍ଜଳି ଯୋଗ ସମିତିର ଶ୍ରୀମତୀ ଜ୍ୟୋତି ପଟ୍ଟନାୟକ , ମୁନୀ ସମାଜର ବିମଳ କାନ୍ତ ରାଉତ ଓ ସୋର ପତଞ୍ଜଳୀ ଯୋଗ ସମିତିର ଶ୍ରୀ ଶ୍ୟାମ ସୁନ୍ଦର ମହାନ୍ତିଙ୍କ ସମେତ ଯୋଗ ଶିକ୍ଷକମାନେ ସମ୍ମାନିତ ହୋଇଥିଲେ। ଶେଷରେ ଶ୍ରୀମତୀ ସ୍ନେହଲତା ଦାସ ଓ ଶ୍ରୀ ହରିଶ ଚନ୍ଦ୍ର ରଣା ସମସ୍ତଙ୍କୁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରାଇଥିଲେ । ଏଥିରେ ସହରର ସହଦେବଖୁଣ୍ଟା , ମଣ୍ଡଳ ବଜାର ଘୋଷ ବଜାର, ଦର୍ଜୀ ପୋଖରୀ, କାଳୀ ମନ୍ଦିର ଯୋଗ କଲେଜର ସାଧକ ସାଧିକାମାନଙ୍କ ସହିତ, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ସହାୟକ, ହାସ୍ୟ ପରିବାର, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରଭୃତି ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଉପସଭାପତି ଦମୟନ୍ତୀ ମହାପାତ୍ର, ସମ୍ପାଦକ ଅଜୟ ଚୌଧୁରୀ, ସଭାପତି ସୁଜିତ କୁମାର ଜେନା ଭାଗ ନେଇ ଥିବା ବେଳେ ରଞ୍ଜନ କୁମାର ସାହୁ, ବ୍ୟାସଦେବ ରାଉଳ, ଅର୍ଚ୍ଚନା କର, ମନସ୍ୱିନି ଜେନା ସମସ୍ତ କାର୍ଯ୍ୟ ନାରୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା ।

# କମଳ କୁମାରୀ ସଂସ୍କୃତ କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ

ଲଙ୍ଗଳେଶ୍ୱର , ୨୧/୬ (ନି.ପ୍ର): ଯୋଗ ଦ୍ୱାରା ମନ ଶାନ୍ତ ଓ ଦେହ ସୁସ୍ଥ ରହିଥାଏ । ଶରୀରର ସୁରକ୍ଷା କବଚ ହେଉଛି ଯୋଗ । ଏହାର ଉପାଦେୟତାକୁ ବୁଝି ପ୍ରତିବର୍ଷ ଜୁନ ୨୧ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ପାଞ୍ଚୁପାଲି ପଂଚାୟତ କମଳ କୁମାରୀ ସଂସ୍କୃତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଯୋଗ ଦିବସ ପାଳନ କରାଯାଇଛି । ପ୍ରତ୍ୟେକ ଦିନ ଜଣେ ମଣିଷ ଯଦି ୩୦ ମିନିଟ ଯୋଗ କରେ ତେବେ ସେ ନିଶ୍ଚିତ ଭାବରେ ନିଜ ଶରୀରକୁ ସୁସ୍ଥ ରଖିପାରିବ । ଯୋଗ. କୁ ଦୈନନ୍ଦିନ ଅଭ୍ୟାସ ଭାବରେ ଗ୍ରହଣ କରିବା ପାଇଁ ସଂକଳ୍ପ ନେବା ଏବଂ ଏକ ସୁସ୍ଥ ଜୀବନ ଶୈଳୀ ପାଇଁ ଯୋଗର ଆବଶ୍ୟକତା ସଂପର୍କରେ ଜନ ସାଧାରଣଙ୍କୁ ଉତ୍ସାହିତ କରିବା ଏହି ଯୋଗ ଦିବସ ପାଳନର ଉଦ୍ଦେଶ୍ୟ ରହିଛି । ଏହି ଅବସର ରେ ଅନୁଷ୍ଠିତ ଶିବିରରେ କଲେଜ ର ଅଧ୍ୟକ୍ଷ ରାଜ କିଶୋର ବାରିକ, ଅଧ୍ୟାପକ ସୁଧୀର କୁମାର ନନ୍ଦ, ଡଃ ଲକ୍ଷ୍ମୀ କାନ୍ତ ରଥ, ଚନ୍ଦନ କୁମାର ନନ୍ଦ , ଅଧ୍ୟାପିକା ସବିତା ସାହୁ , ସରୋଜିନୀ ପରିଡା ପ୍ରମୁଖ ଯୋଗ ଦେଇ ଯୋଗ ର ଉପାଦେୟତା ସମ୍ପର୍କ ରେ ଆଲୋଚନା କରିଥିଲେ।

# ନୀଳଗିରିର ବିଭିନ୍ନ ସ୍ଥାନରେ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ




ନୀଳଗିରି, ୨୦/୬ (ନି.ପ୍ର): ମାନବ ସମାଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ପ୍ରାଚୀନ କାଳରୁ ଭାରତୀୟ ଋଷି, ମୁନିଙ୍କ ଦ୍ୱାରା ପ୍ରଚଳିତ ରହି ଆସିଛି ଯୋଗ ପରମ୍ପରା। ଯୋଗ ଦୀର୍ଘ ୫ହଜାର ବର୍ଷର ପୁରୁଣା ପଦ୍ଧତି। ଯୋଗ ମନୁଷ୍ୟକୁ ଉଭୟ ମାନସିକ ଓ ଶାରିରୀକ ସୁସ୍ଥ ରଖିଥାଏ। ୨୦୧୪ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ସୁସ୍ଥ ସମାଜ ଗଠନ କରିବା ପାଇଁ ବିଶ୍ୱ ପଟଳରେ ସେହିବର୍ଷ ଡିସେମ୍ବର ୧୧ତାରିଖରେ ସାରା ବିଶ୍ୱରେ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରାୟ ୧୭୭ଦେଶ ଏହି ପ୍ରସ୍ତାବକୁ ଆଗ୍ରହର ସହ ଗ୍ରହଣ କରିଥିଲେ। ପରବର୍ତ୍ତୀ ୨୦୧୫ମସିହା ଜୁନ ୨୧ତାରିଖରେ ପ୍ରଥମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଚଳିତ ବର୍ଷ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ସାରା ବିଶ୍ୱ ପାଳନ କରୁଥିବା ବେଳେ ନୀଳଗିରି ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିବା ଦେଖାଯାଇଛି। ନୀଳଗିରି ସହର କୈଳାସ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ବିଜେପି ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବିଜେପି ମଣ୍ଡଳ ସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ ପକ୍ଷରୁ ନୀଳଗିରି ମହାବିଦ୍ୟାଳୟ ପରିସରରେ ପ୍ରାତଃ ୬.୩୦ସମୟରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଉପସ୍ଥିତିରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନୀଳଗିରି ବିଡିଓ ରାହୁଲ ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉକ୍ତ ଶିବିରରେ ଯୋଗ କରିଥିବା ଦେଖାଦେଇଥିଲା। ପ୍ରାୟ ୭ଘଟିକା ସମୟରେ ନୀଳଗିରି ମହାବିଦ୍ୟାଳୟ ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ଉକ୍ତ ଶିବିରରେ ଭାଗ ନେଇଥିବା ଦେଖାଯାଇଛି। ଅନୁରୂପ ଭାବେ ନୀଳଗିରି ଏନଏସି ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ ଯୋଗ ଶିବିରରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ଯୋଗ ଏକ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଓ ନିରୋଗ ରହିବାକୁ ହେଲେ କେବଳ ଯୋଗ ଦିବସରେ ଯୋଗାଭ୍ୟାସ ନକରି ପ୍ରତିଦିନ ଯୋଗ ଅଭ୍ୟାସ କଲେ ନିଜେ ସୁସ୍ଥ ରହିବା ସହିତ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଶିବିରରେ ବହୁ ମହିଳା ସମେତ ପୁରୁଷ ଭାଗ ନେଇଥିବା ବେଳେ ଏନଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ପରିଚାଳନା କରିଥିଲେ। ସମସ୍ତ ଏନ ଏ ସି କର୍ମଚାରୀ ଏଥିରେ ସହଯୋଗ କରିଥିବା ଦେଖାଯାଇଥିଲା।

# କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବେତନଟୀ, ୨୧/୬ (ନି.ପ୍ର): କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସମ୍ପାଦକ ସମାଜସେବୀ ଯୋଗେନ୍ଦ୍ରନାଥ ମହାନ୍ତ, ସମ୍ମାନନୀୟ ଅତିଥି ଭାବରେ ପୂର୍ବତନ ଅଧକ୍ଷା ସୁଶାନ୍ତୀ ପ୍ରଧାନ, ଅଧ୍ୟାପକ ଶ୍ରୀକାନ୍ତ ଦାସ ଓ ଅଧ୍ୟାପକ ଭରତ ଚନ୍ଦ୍ର ସି ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ଥିଲେ । କ୍ରୀଡାଶିକ୍ଷକ ମନୋହର ବେହେରାଙ୍କ ସଂଯୋଜନାରେ ବେତନଟୀର ଯୋଗ ଗୁରୁ ସଂଜୀବ କୁମାର ପରିଡା ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ସକାଳ ୬ ଘଟିକାରୁ ୮ ଘଟିକା ପର୍ଯ୍ୟନ୍ତ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ସକାଳ ୯ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ସେକାବତ ଅଲ୍ଲୀ ସଭାପରିଚାଳନା କରିଥିବା ବେଳେ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଚିଲିକାଠାରେ ଆନ୍ତର୍ଜ୍ୟାତୀୟ ଯୋଗ ଦିବସ ପାଳିତ




ପାରାଦୀପ, ୨୦/୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ଚିଲିକା ଠାରେ ଆୟୋଜିତ ହୋଇଯାଇଛି। ଏହାକୁ ବନ୍ଦର ର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ସଚିବ ୟୁ.ଆର. ମୋହନ ରାଜୁ, ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଯନ୍ତ୍ରୀ ଏଚ.ଏସ.ରାଉତ, ମୁଖ୍ୟ ଚିକିତ୍ସାଧିକାରୀ ବି.ବି.ଦାଶ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ବନ୍ଦରର ବହୁ କର୍ମଚାରୀ, ଅଂଶୀଦାରୀ, ଛାତ୍ର ଛାତ୍ରୀ ଏବଂ ମହିଳା ଯୋଗ ଦେଇଥିଲେ। ଆର୍ଟ ଅଫ ଲିଭିଙ୍ଗର ଅଭିଜ୍ଞ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ଏହି ଶିବିରକୁ ପରିଚାଳନା କରିଥିଲେ । ଅଂଶଗ୍ରହଣକାରୀମାନେ ଶ୍ରୀନଗରରୁ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ୨୦୨୪ ର ଲାଇଭ୍ ଟେଲିକାଷ୍ଟ ମଧ ଦେଖିଥିଲେ, ଯେଉଁଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ସହ ଯୋଗ ଅଭ୍ୟାସ ଦ୍ୱାରା ସ୍ୱାସ୍ଥ୍ୟ ତଥା ସୁସ୍ଥ ସାମାଜ ଗଠନ ରେ ସହାୟକ ହେବା ସହ ବିଶ୍ୱ ଉପରେ ଏହା ସକାରାତ୍ମକ ପ୍ରଭାବ ପକାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପାରାଦୀପ ବେଳାଭୂମି ଠାରେ ପାରାଦୀପ ବନ୍ଦର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ପକ୍ଷରୁ ଯୋଗ ଅଭ୍ୟାସ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରାଦ୍ୱୀପ ର କଳିଙ୍ଗ ବାଲିଯାତ୍ରା ପଡିଆ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏତଦବ୍ୟତୀତ ପାରାଦୀପ ସାକ୍ଷରତା ସମିତି, ପାରାଦୀପ ମହାବିଦ୍ୟାଳୟ,ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ପାରାଦୀପ ପୋର୍ଟ ଡିଏଭି ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟ୍ୱିଙ୍କିଲ ଟ୍ୱିଙ୍କିଲ ସ୍କୁଲ ଇତ୍ୟାଦି ମାନଙ୍କରେ ଯୋଗ ଦିବସ ଓ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାନର, ହୋର୍ଡିଂ, ଇଲେକ୍ଟ୍ରୋନିକ୍ ଡିସପ୍ଲେ ବୋର୍ଡ ଏବଂ ସେଲଫି ପଏଣ୍ଟ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବାର ମହତ୍ତ୍ୱକୁ ପ୍ରତିପାଦିତ କରାଯାଇଥିଲା।

# ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୨୦/୬ (ନି.ପ୍ର): ଜିଲ୍ଲା ଆଇନ୍ ପ୍ରାଧୀକରଣ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ତଥା ଆଇନ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଶ୍ରୀ ଦିବ୍ୟ ସିଂ ନାୟକ, ଓକିଲ, ଭଦ୍ରକ ମୋଜାହିଦ୍ ଅଖତ୍ର, ଏଲ.ଏ.ଡ଼ି.ଏସ୍.ର ଡେପୁଟି ସଦସ୍ୟ, ଭଦ୍ରକ, ଡ଼ଃ ତାପସ କୁମାର ମହାନ୍ତି, ଏଲ୍.ଏ.ଡ଼ି.ଏସ୍.ର ସହକାରୀ ସଦସ୍ୟ ଶ୍ରୀମତୀ ସରସ୍ୱତୀ ମୁର୍ମୁ, ପ୍ରଧାନ ଶିକ୍ଷୟିତ୍ରୀ, ଜାନୁଗଞ୍ଜ ସାହି ପ୍ରାଥମିକ ବିଦ୍ୟାଳୟ, ଝାଟିଆ, ଶ୍ରୀ ଚନ୍ଦ୍ରଭାନୁ ନାୟକ, ସହକାରୀ ଶିକ୍ଷକ ଜାନୁଗଞ୍ଜ ସାହି ପ୍ରାଥମିକ ବିଦ୍ୟାଳୟ, ଝାଟିଆ, ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ସାହୁ, ପି.ଏଲ୍.ଭି ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଥିବା ସେବା ପ୍ରାଧୀକରଣ ସମସ୍ତ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo